ବର୍ଷ-୨୫, ସଂଖ୍ୟା-୩୩୯
ଭୁବନେଶ୍ୱର
୧୯, ଡିସେମ୍ବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 339
Bhubaneswar
19, December, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଜେଲର୍ ୨ରେ ବିଦ୍ୟା ବାଲନ



## ଦରମା-ଭତ୍ତା ବଢିବା ପ୍ରସଙ୍ଗରେ ପୁନର୍ବିଚାର ପ୍ରସ୍ତାବ



ଭୁବନେଶ୍ୱର,୧୮।୧୨(ମହାଭାରତ): ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକରେ ବଡ ନିଷ୍ପତ୍ତି ହୋଇଛି। ଓଡ଼ିଶାରେ ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ପରେ ଏବେ ଏହା ଉପରେ ପୁନର୍ବିଚାର କରିବାକୁ ଦାବି ଜୋର ଧରିଛି। ଆଜି ବିଜେପି ବିଧାୟକ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଶାସକ ଦଳର ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦରମା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏନେଇ ସୂଚନା ଦେଇ କହିଛନ୍ତି ଯେ, ଲୋକମତକୁ ସମ୍ମାନ ଜଣାଇ ଦରମା ବୃଦ୍ଧି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଜନସାଧାରଣଙ୍କ ଭାବନାକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନିଆଯାଇଛି। ଦରମା ବୃଦ୍ଧି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବିଚାର ପାଇଁ ପ୍ରସ୍ତାବ ଲିଖିତ ଭାବେ ପ୍ରସ୍ତାବ ଦେଇଛନ୍ତି। ସମସ୍ତ ବିଜେପି ବିଧାୟକ ତେବେ ଲୋକମତକୁ ସମ୍ମାନ ଜଣାଇ ପୁନର୍ବିଚାର ପାଇଁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟ ଓ ବିଧାୟକମାନେ ଉପସ୍ଥିତ ଥିଲେ। ବୈଠକରେ ସାଙ୍ଗଠନିକ ସ୍ଥିତି ଏବଂ ରଣନୀତି ନେଇ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୯ ତାରିଖରେ ଶୀତକାଳୀନ ଅଧିବେଶନ ସମୟରେ ବିଧାନସଭାରେ ସର୍ବସମ୍ମତି କ୍ରମେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ବିଲ୍ ପାରିତ ହୋଇଥିଲା ଏଥିରେ ବିଧାୟକଙ୍କ ମୋଟ ଦରମା ଓ ଭତ୍ତା ୧ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ୩ ଲକ୍ଷ ୪୫ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ଅର୍ଥାତ ଦରମା ପ୍ରାୟ ତିନି ଗୁଣ ବଢ଼ିଥିଲା। ଏହା ସହିତ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ରାଶିରେ ମଧ୍ୟ ବୃଦ୍ଧି ଘଟିଥିଲା ।ତେବେ ଦରମା ବୃଦ୍ଧିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

### ହାଇଦ୍ରାବାଦ ନିବେଶକ ସମ୍ମିଳନୀ

## ପ୍ରଥମ ଦିନରେ ୩୮,୭୦୦ କୋଟିର ନିବେଶ ପ୍ରସ୍ତାବ

**ହାଇଦ୍ରାବାଦ,୧୮।୧୨(ମହାଭାରତ):** ଓଡ଼ିଶାକୁ ପୁଣି ଆସିବ ପୁଞ୍ଜି। ହାଇଦ୍ରାବାଦରେ ଆଜିଠୁ ଆରମ୍ଭ ହୋଇଛି ଇନ୍‌ଭେଷ୍ଟର୍ସ ମିଟ୍। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ହାଇଦ୍ରାବାଦରେ ପହଞ୍ଚି ନିବେଶକଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ସମ୍ମିଳନୀ ଦୁଇ ଦିନ ଧରି ଚାଲିବ ଯାହା ଶିଳ୍ପ ସହଭାଗିତାକୁ ଆହୁରି ଶକ୍ତି ଯୋଗାଇବ। ଜାତୀୟ ଏବଂ ବିଶ୍ୱସ୍ତରୀୟ ନିବେଶକଙ୍କ ନିକଟରେ ରାଜ୍ୟର ବିସ୍ତାରିତ ଶିଳ୍ପ କ୍ଷମତାକୁ ଉପସ୍ଥାପନ କରିବା ପାଇଁ ଆଉ ସୁଯୋଗ ପହଞ୍ଚିଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଶିଳ୍ପ ବିଭାଗ ଟିମ୍ ହାଇଦ୍ରାବାଦରେ ରୋଡ଼ ସୋ କରିବେ। ଓଡ଼ିଶାକୁ କିପରି ଅଧିକ ନିବେଶ ଆସିବ, ସେଦିଗରେ କାର୍ଯ୍ୟ କରୁଛି ଟିମ୍ ଓଡ଼ିଶ। ତଥାପି ହାଇଦ୍ରାବାଦ୍ ମିଟ୍‌ରେ ଖାସ୍ କରି ଆଇଟି ସେକ୍ଟର ଉପରେ ଅଧିକ ଫୋକସ କରାଯିବ। ଆଇଟି ସେକ୍ଟର ଇନଭେଷ୍ଟର୍ସଙ୍କ ସହିତ ଆଲୋଚନା କରାଯିବ, ଯାହା ଦ୍ୱାରା ଓଡ଼ିଶା ଅଧିକ ଲାଭଦାୟକ ହେବ। ପ୍ରଥମ ଦିନରେ ୩୮,୭୦୦ କୋଟି ନିବେଶ ସୃଷ୍ଟି, ୨୦,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଔଷଧ, ଚିକିତ୍ସା ଉପକରଣ, ସବୁଜ ଶକ୍ତି, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଇଞ୍ଜିନିୟରିଂ ସାମଗ୍ରୀ, ଅଟୋମୋଟିଭ୍ ଉପାଦାନ ଏବଂ ପୁଞ୍ଜି ଉପକରଣ ଉତ୍ପାଦନ ସମେତ ପ୍ରାଥମିକତା କ୍ଷେତ୍ରର ପ୍ରମୁଖ କମ୍ପାନୀଗୁଡ଼ିକର ବରିଷ୍ଠ ନେତୃତ୍ୱଙ୍କ ସହିତ ୱାନ୍ ବାଇ ୱାନ୍ ଆଲୋଚନା କରିଥିଲେ। ଆଲୋଚନାରେ ନୂତନ ନିବେଶ ସୁଯୋଗ ଅନୁସନ୍ଧାନ ଏବଂ ଓଡ଼ିଶାରେ ଶିଳ୍ପ ଉପସ୍ଥିତି ବିସ୍ତାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଇଣ୍ଡୋରାମା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିନ୍ଦଲ ପଲି ଫିଲ୍ମସ୍ (ବିରଳ ପୃଥିବୀ ପ୍ରକ୍ରିୟାକରଣ), ସୋଆଟେକ୍ ପ୍ରାଇଭେଟ୍ ଲିମିଟେଡ୍ (ପ୍ରତିରକ୍ଷା ଉତ୍ପାଦନ), ମାରୁତି (ଧାତୁ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ର) ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ଅଂଶଗ୍ରହଣ କରି ମୋଟ ୧୫ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସମୟରେ, ପ୍ରାୟ ୧୯,୫୦୦ କୋଟି ଟଙ୍କାର ନିବେଶ ଗ୍ରହଣ କରାଯାଇଥିଲା, ଯାହା ପ୍ରାୟ ୭,୫୦୦ ଲୋକଙ୍କ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବ। ସେହିପରି ଆଜି ସାତଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ୧୯,୨୦୦ କୋଟି ଟଙ୍କାର ନିବେଶ ଏବଂ ପ୍ରାୟ ୧୨,୭୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଅନ୍ତର୍ଭୁକ୍ତ।



ଶିଳ୍ପ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ଶିଳ୍ପର ଦୃଢ଼ ପ୍ରତିକ୍ରିୟା ଓଡ଼ିଶାର ପ୍ରଗତିଶୀଳ ନୀତି ଢାଞ୍ଚା, ଦୃଢ଼ ଭିତ୍ତିଭୂମି ଇକୋସିଷ୍ଟମ ଏବଂ ବ୍ୟବସାୟ କରିବାର ସହଜତା ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ପ୍ରତି ବଢ଼ୁଥିବା ବିଶ୍ୱାସକୁ ପ୍ରତିଫଳିତ କରେ। ଓଡିଶା ଫାର୍ମା ଶିଖର ସମ୍ମିଳନୀ ୨୦୨୫ ପରେ ନିରନ୍ତର ଶିଳ୍ପ ଆଗ୍ରହକୁ ପ୍ରତିଫଳିତ କରି ଔଷଧ ଶିଳ୍ପ ନେତାମାନଙ୍କ ସହିତ ଏକ କ୍ଷେତ୍ରୀୟ ଗୋଲଟେବୁଲ ମଧ୍ୟ ଆୟୋଜନ କରାଯାଇଥିଲା।

### ପଞ୍ଜାବରେ ଇଡିର ବଡ଼ ଧରଣର ଆକ୍ସନ

## ୩୫୦୦ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧୮।୧୨(ଏଜେନସି):** ପଞ୍ଜାବରେ ପିଅରଲେସ୍ ଆଗ୍ରୋଟେକ୍ କର୍ପୋରେସନ୍ ଲିମିଟେଡ୍ ବା ପିଏସିଏଲ ସମ୍ପର୍କିତ ମନି ଲଣ୍ଡରିଂ ମାମଲରେ ଇଡିର ବଡ଼ ଧରଣର ଆକ୍ସନ। କେନ୍ଦ୍ରୀୟ ଏଜେନ୍ସି ଗୁରୁବାର ପିଏସିଏଲ ଏବଂ ଅନ୍ୟ ମାମଲାରେ ଚାଲିଥିବା ଯାଞ୍ଚ ମାମଲାରେ ପଞ୍ଜାବର ଲୁଧିୟାନାରେ ଥିବା ୩୪୩୬.୫୬ କୋଟି ଟଙ୍କା ୧୬୯ ଅଚଳ ସମ୍ପତ୍ତି ଜବତ କରିଛି। ଇଡି କହିଛି,ଏହାର ଯାଞ୍ଚ ବିଷୟରେ ଜଣାପଡିଛି। ଲକ୍ଷାଧିକ ନିବେଶକଙ୍କଠାରୁ ନିଆଯାଇଥିବା ଫଣ୍ଡର ଏକ ଅଂଶ ପିଏସିଏଲ ନାମରେ ୧୬୯ ଅସ୍ଥାବର ସମ୍ପତ୍ତିକୁ କିଣିବାରେ ବ୍ୟବହାର କରାଯାଇଥିଲା। ଏହାର ବର୍ତ୍ତମାନର ଦାମ୍ ୩୪୩୬.୫୬ କୋଟି ଟଙ୍କା।ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦିଲ୍ଲୀ ଜୋନାଲ ଅଫିସ ଏହି ସମ୍ପତ୍ତିକୁ ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ(ପିଏମ୍ଏଲଏ),୨୦୦୨ ଅନୁସାରେ,ଜବତ କରିଛି। ଏହି କାର୍ଯ୍ୟାନୁଷ୍ଠାନ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ସିବିଆଇ) ଦ୍ୱାରା ପିଏସିଏଲ ଲିମିଟେଡ୍ , ପିଜିଏଫ୍ ଲିମିଟେଡ୍, ଦିବଂଗତ ନିର୍ମଳ ସିଂହ ଭଙ୍ଗୁ ଓ ଅନ୍ୟମାନଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି),୧୮୬୦ର ଧାରା ୧୨୦-ବି ଓ ୪୨୦ ଅନୁସାରେ, ମାମଲା ରୁଜୁ କରାଯାଇଥିବା ଏଫ୍ଆଇଆର ଆଧାରରେ କରାଯାଇଥିବା ଯାଞ୍ଚ ପରେ କରାଯାଇଛି।

## ଲୋକସଭାରେ 'ଭିବି ଜି ରାମ ଜି' ବିଲ୍ ପାରିତ

ନୂଆଦିଲ୍ଲୀ,୧୮।୧୨(ମହାଭାରତ): ପ୍ରବଳ ହଟ୍ଟଗୋଳ ମଧ୍ୟରେ ଆଜି ଲୋକସଭାରେ ପାରିତ ହୋଇଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବା 'ଭିବି ଜି ରାମ ଜି' ବିଲ୍ ୨୦୨୫। ଏହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନରର ସ୍ଥାନ ନେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡିକ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଏହି ପଦକ୍ଷେପ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ। ଏହା ସହିତ ଏହି ବିଲ୍‌ରେ ଥିବା କିଛି ନିୟମକୁ ସେମାନେ ତୀବ୍ର ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଏହି ପଦକ୍ଷେପକୁ ଠିକ୍ ଦର୍ଶାଇ ବିଲ୍ ଉପସ୍ଥାପନ କରିଥିବା କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଥିଲେ, ପ୍ରାରମ୍ଭରେ କେବଳ ଏନ୍ଆରଜିଏ (ନରେଗା) ଥିଲା। ସେଥିରେ ମହାତ୍ମା ଗାନ୍ଧୀଙ୍କ ନାଁକୁ ଯୋଡା ଯାଇନଥିଲା। ୨୦୦୯ରେ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ମୁଣ୍ଡରେ ବାପୁଙ୍କ କଥା ପଶିଥିଲା। ଭୋଟ୍ ପାଇଁ ସେମାନେ ଏନ୍ଆରଜିଏ (ନରେଗା)ରେ ମହାତ୍ମା ଗାନ୍ଧୀଙ୍କ ନାଁ ଯୋଡି ଏହାକୁ ଏମ୍‌ଜିଏନ୍ଆରଇଜିଏ (ମନରେଗା) କରି ଦେଇଥିଲେ। ମୁଁ ଏହା କହିବାକୁ ଚାହେଁ ଯେ ମନରେଗାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇ ଠିକ୍ ଭାବେ କାର୍ଯ୍ୟକାରୀ କରିଛନ୍ତି। ଶ୍ରୀ ଚୌହାନ ଆହୁରି କହିଥିଲେ ଯେ କଂଗ୍ରେସ ବାପୁଙ୍କ ଆଦର୍ଶଗୁଡିକୁ ହତ୍ୟା କରିଛି। କିନ୍ତୁ ମୋଦି ସରକାର ପିଏମ୍ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଓ



ଆୟୁଷ୍ମାନ ଭାରତ ମାଧ୍ୟମରେ ବାପୁଙ୍କ ଆଦର୍ଶକୁ ଜୀବିତ ରଖିଛନ୍ତି। ପୂର୍ବାଗ୍ରହ ରଖି ମୋଦି ସରକାର ବିଭିନ୍ନ ଯୋଜନାର ନାଁ ପରିବର୍ତ୍ତନ କରୁଛନ୍ତି ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କ ଗାନ୍ଧୀ ଅଭିଯୋଗ କରିଥିବା ବେଳେ ଜବାହରଲାଲ ନେହରୁ ଓ ମହାତ୍ମା ଗାନ୍ଧୀଙ୍କ ନାଁରେ ଚାଲିଥିବା ଏକାଧିକ କାର୍ଯ୍ୟକ୍ରମର ଉଦାହରଣ ଦେଇ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ତାଙ୍କୁ ସମାଲୋଚନା କରିଥିଲେ। ଏହି ବିଲ୍‌କୁ ବିରୋଧ କରି ବିରୋଧୀ ଦଳର ସାଂସଦମାନେ ଗୃହର ମଧ୍ୟଭାଗକୁ ଯାଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏମିତିକି ବିଲ୍‌କୁ ଫାଡି ବାଚସ୍ପତିଙ୍କ ଚୌକି ଆଡକୁ ଫୋପାଡି ଥିଲେ। ତେଣୁ ବିଲ୍ ପାରିତ ହେବା ମାତ୍ରେ ବାଚସ୍ପତି ଓମ ବିର୍ଲା ଗୃହକୁ ଅଜି ପାଇଁ ମୁଲତବି ଘୋଷଣା କରିଥିଲେ।ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିରୋଧୀ ଦଳର ସାଂସଦମାନେ ଏହି ବିଲ୍‌କୁ ବିରୋଧ କରି ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ସୋନିଆ ଗାନ୍ଧୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ୨୦୦୫ରୁ ମନରେଗାରେ ଗ୍ରାମାଞ୍ଚଳର ଲୋକଙ୍କୁ ନିଶ୍ଚିତ ୧୦୦ ଦିନର କାମ ମିଳୁଥିଲା। ଏବେ କେନ୍ଦ୍ର ସରକାର 'ଭିବି ଜି ରାମ ଜି' ଜରିଆରେ ୧୨୫ ଦିନ କାମ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଖାଲି ସେତିକି ନୁହେଁ, ଲୋକଙ୍କୁ ମିଳିଥିବା କାମ ଶେଷ ହେବାର ଗୋଟିଏ ସପ୍ତାହ କିମ୍ବା ୧୫ ଦିନ ମଧ୍ୟରେ ମଜୁରୀ ବାବଦ ଟଙ୍କା ଦିଆଯିବ। ଯଦି ଟଙ୍କା ଠିକ ସମୟରେ ମିଳିବ ନାଁ, ତା'ହେଲେ ବିଲ୍‌ରେ ବେକାରୀ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ରହିଛି। 'ଭିବି ଜି ରାମ ଜି' କାମକୁ ୪ଟି ବର୍ଗରେ ବିଭକ୍ତ କରାଯାଇଛି। ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଭିତ୍ତିଭୂମି ଓ ବିପର୍ଯ୍ୟୟ ପ୍ରଶମନ ଭଳି ୪ଟି ବର୍ଗରେ ଲୋକଙ୍କୁ କାମ ମିଳିବ। ଚାଷ ସମୟରେ ଏହି ସବୁ କାମ ଆଦୌ କରାଯିବ ନାହିଁ। କାରଣ ଏହି ସମୟରେ ଗ୍ରାମାଞ୍ଚଳର ଲୋକମାନେ ଚାଷ କାମରେ ବ୍ୟସ୍ତ ରହିବେ। ଚାଷ କାମ ଶେଷ ହେବା ପରେ ଏହି ଯୋଜନାରେ ଲୋକଙ୍କୁ କାମ ଯୋଗାଇ ଦିଆଯିବ।

## ଏମ୍ସକୁ ଯିବ ସ୍ୱତନ୍ତ୍ର 'ଆମ୍ବୁଲାନ୍ସ କରିଡର'

ଭୁବନେଶ୍ୱର,୧୮।୧୨(ମହାଭାରତ): ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କୁ ସୁରକ୍ଷିତ ଓ ଶୀଘ୍ର ହସ୍ପିଟାଲରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଏକ ବଡ଼ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଭୁବନେଶ୍ୱର ଖଣ୍ଡଗିରି ଛକରୁ ଏମ୍ସ ( ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର 'ଆମ୍ବୁଲାନ୍ସ କରିଡର' ନିର୍ମାଣ କରାଯିବ। ବୁଧବାର ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ରୋଗୀଙ୍କୁ 'ଗୋଲ୍‌ଡେନ ଆୱାର' ମଧ୍ୟରେ ଚିକିତ୍ସା ଯୋଗାଇଦେବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ। ଖଣ୍ଡଗିରିରୁ ଏମ୍ସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାକୁ ତିନି-ଲେନ୍‌ରେ ପରିଣତ କରାଯିବ। ଏଥିମଧ୍ୟରୁ ଗୋଟିଏ ଲେନ୍ କେବଳ ଆମ୍ବୁଲାନ୍ସ ଚଳାଚଳ ପାଇଁ ସଂରକ୍ଷିତ ରହିବ। ଏହି ସ୍ୱତନ୍ତ୍ର କରିଡରକୁ ହଳଦିଆ ରଙ୍ଗରେ ଚିହ୍ନଟ କରାଯିବ। ଏଥିରେ ଯେପରି ଅନ୍ୟ ଗାଡ଼ି ପ୍ରବେଶ ନକରେ, ସେଥିପାଇଁ ସୁରକ୍ଷାକର୍ମୀ ନିୟୋଜିତ ହେବା ସହ ସିସିଟିଭି କ୍ୟାମେରା ଲଗାଯିବ। ଅମାନିଆ ଗାଡ଼ି ଚାଳକଙ୍କ ଠାରୁ ଭାରି ଜରିମାନା ଆଦାୟ କରାଯିବ। ରାସ୍ତା ପ୍ରଶସ୍ତିକରଣ ପାଇଁ ଆବଶ୍ୟକ ସ୍ଥଳେ ଡ୍ରେନ୍ ଘୁଞ୍ଚାଯିବ ଏବଂ ଜମି ଅଧିଗ୍ରହଣ କରାଯିବ। ଆଇଗିଣିଆ ଆଲୁ ଗଦି ଜଙ୍କସନରୁ ଏମ୍ସ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରି ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ବୈଠକରେ କେବଳ ରାସ୍ତା ନୁହେଁ, ବରଂ ଏମ୍ସର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

## ଇଂରାଜୀ ନୂତନ ବର୍ଷ କ୍ୟାଲେଣ୍ଡର୍ ଲୋକାର୍ପିତ



ଭୁବନେଶ୍ୱର,୧୮।୧୨(ମହାଭାରତ): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୬ ଇଂରାଜୀ ନୂଆ ବର୍ଷ ଅବସରରେ ମହାପ୍ରଭୁଙ୍କ ଫଟୋଚିତ୍ର ଥାଇ ସୁଦୃଶ୍ୟ କ୍ୟାଲେଣ୍ଡର (ଉଭୟ ୱାଲ୍ ଏବଂ ଡେସ୍କ) ପ୍ରକାଶ ପାଇଛି।

କ୍ୟାଲେଣ୍ଡର ଗୁଡିକର ପ୍ରଥମ କପିକୁ ଧନୁ ସଂକ୍ରାନ୍ତୀ ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି । ଏହି ଦେବାର୍ପଣ ପରେ ଆଜି ଉଭୟ କ୍ୟାଲେଣ୍ଡରକୁ ବିଧିବଦ୍ଧ ଭାବେ ଉନ୍‌ମୋଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଉଭୟ କ୍ୟାଲେଣ୍ଡରରେ ବାଲୁକା କଳା, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଏବଂ ପାରମ୍ପରିକ ପଥର ଖୋଦେଇ ଚିତ୍ର ମାଧ୍ୟମରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ରଥଯାତ୍ରା ସମ୍ବନ୍ଧୀୟ ଭବ୍ୟ ଚିତ୍ର ଗୁଡିକ ଉପସ୍ଥାପିତ କରାଯାଇଛି। ଆଗାମୀ ଦୁଇ ତିନି ଦନ ପରେ ପୁରୀ ଓ ଭୁବନେଶ୍ୱର ସ୍ଥିତ ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଗୁଡିକରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କୁ ବିକ୍ରୟ ନିମନ୍ତେ ଉପଲବ୍ଧ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ଡାଏରୀ ମଧ୍ୟ ଉନ୍‌ମୋଚନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ଶ୍ରୀ ଦେବବ୍ରତ ସାହୁ ଏବଂ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ମହିଳା ଥାନା ଅଧିକାରୀ

**ଦଶମନ୍ତପୁର,୧୮।୧୨(ମହାଭାରତ):** ନିଜେ ମହିଳା ହୋଇ ଜଣେ ଯୁବତୀଙ୍କୁ ନ୍ୟାୟ ଦେବା ବଦଳରେ ତାଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ଥାନା ଅଧିକାରୀ। ଅଭିଯୁକ୍ତ ଥାନା ଅଧିକାରୀ ହେଲେ ସୁକୁମା ହାଁସଦା। ଆଜି ସକାଳ ସାଢ଼େ ୧୦ଟା ସମୟରେ ଧରାପଡ଼ିଥିବା ଜୟପୁର ଭିଜିଲାନ୍ସ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଘଟଣାଟି ଘଟିଛି କୋରାପୁଟଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ଥାନାରେ। ସୂଚନା ଅନୁସାରେ ଗତ କିଛି ଦିନ ପୂର୍ବ ଦଶମନ୍ତପୁର ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ଏହି ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତ ଅଧୀନସ୍ଥ ଛଟା ଗୁଡା ଗାଁର ରାମେଶ୍ୱର ବିଶୋଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସଂପର୍କ ରଖି ଆସୁଥିଲେ। ଯୁବତୀ ଜଣକ ବିବାହ କରି ଘରକୁ ନେବାକୁ ପ୍ରେମିକକୁ କହିଥିଲେ।

## ଓମାନ ଭାରତର ସବୁଦିନିଆ ବନ୍ଧୁ : ମୋଦୀ

ନୂଆଦିଲ୍ଲୀ,୧୮।୧୨(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିନ ମସ୍କଟରେ ଓମାନକୁ ଏକ "ସବୁ ଦିନିଆ ମିତ୍ର" ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଭାରତ ଓ ଓମାନ ମଧ୍ୟରେ ଥିବା ସମଗ୍ର ଆର୍ଥିକ ସହଯୋଗ ଚୁକ୍ତି (ସିଇପିଏ) ଦୁଇ ଦେଶର ସହଯୋଗକୁ ୨୧ଶତାବ୍ଦୀରେ ନୂତନ ବିଶ୍ୱାସ ଓ ନୂତନ ଶକ୍ତି ପ୍ରଦାନ କରିବ।



ପ୍ରଧାନମନ୍ତ୍ରୀ ଆଜି ମସ୍କଟରେ ଆୟୋଜିତ ଭାରତ-ଓମାନ ବ୍ୟବସାୟ ଶୀର୍ଷ ସମ୍ମିଳନୀକୁ ସମ୍ବୋଧନ କରିଛନ୍ତି। ସେ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଏହି ମଞ୍ଚ ଦୁଇ ଦେଶର ବ୍ୟାପାରିକ ସମ୍ପର୍କରେ ନୂତନ ଉର୍ଜା ସଂଚାର କରିବ ଏବଂ ବିକାଶର ନୂତନ ସୁଯୋଗ ଖୋଲିବ। ଏହି ସମୟରେ ସେ ବ୍ୟାପାର ନେତାମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଆର୍ଥିକ ସହଯୋଗର ସୁଯୋଗଗୁଡ଼ିକ ଉପରେ ଆଲୋଚନା କରିଛନ୍ତି।

ସିଇପିଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ପ୍ରାୟ କୁହାଯାଏ ଯେ ସମୁଦ୍ରର ଦୁଇ ପାର୍ଶ୍ୱ ପରସ୍ପର ଠାରୁ ଦୂରରେ ଅଛି। କିନ୍ତୁ ମାଣ୍ଡଭୀ ଓ ମସ୍କଟ ମଧ୍ୟରେ ଥିବା ଆରବ ସମୁଦ୍ର ଏକ ଶକ୍ତିଶାଳୀ ସେତୁ ହୋଇଉଠିଛି—ଏମିତି ଏକ ସେତୁ, ଯାହା ଆମ ସମ୍ପର୍କକୁ ଦୃଢ଼ କରିଛି ଏବଂ ଆମର ସାଂସ୍କୃତିକ ଓ ଆର୍ଥିକ ସମ୍ପର୍କକୁ ସଶକ୍ତ କରିଛି। ଆଜି ଆମେ ବିଶ୍ୱାସ ସହ କହିପାରୁଛୁ ଯେ ସମୁଦ୍ରର ତରଙ୍ଗ ବଦଳିପାରେ, ଋତୁଗୁଡ଼ିକ ବଦଳିପାରେ, କିନ୍ତୁ ଭାରତ-ଓମାନ ମିତ୍ରତା ପ୍ରତ୍ୟେକ ଋତୁରେ ଆହୁରି ଦୃଢ଼ ହୋଇଯାଏ ଏବଂ ପ୍ରତ୍ୟେକ ତରଙ୍ଗ ସହ ନୂତନ ଉଚ୍ଚତାକୁ ସ୍ପର୍ଶ କରେ।"

ସେ କହିଛନ୍ତି ଯେ ଭାରତର ବିକାଶ ଯାତ୍ରାରେ ଓମାନ ପାଖରେ ଅପାର ସମ୍ଭାବନା ରହିଛି। ସମଗ୍ର ଆର୍ଥିକ ସହଯୋଗ ଚୁକ୍ତି (ସିଇପିଏ) ଆମକୁ ୨୧ଶତାବ୍ଦୀରେ ନୂତନ ବିଶ୍ୱାସ ଓ ନୂତନ ଉର୍ଜାରେ ପୂର୍ଣ୍ଣ କରିଦେବ। ଏହା ଆମ ବୁଝାମଣା ଭବିଷ୍ୟତର ଏକ ରୂପରେଖ ଅଟେ। ଏହା ଦ୍ୱାରା ଆମର ବ୍ୟାପାର ବୃଦ୍ଧି ପାଇବ, ନିବେଶକୁ ନୂତନ ଆତ୍ମବିଶ୍ୱାସ ମିଳିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗର ନୂତନ ଦ୍ୱାର ଖୋଲିବ। ପ୍ରଧାନମନ୍ତ୍ରୀ ବିବିଧତାକୁ ଭାରତୀୟ ସଂସ୍କୃତିର ମୂଳଦୁଆ ବୋଲି ବର୍ଣ୍ଣନା କରି, ଗୁରୁବାର କହିଛନ୍ତି ଯେ ଏହା ଏକ ଏମିତି ମୂଲ୍ୟ, ଯାହା ତାଙ୍କୁ କୌଣସି ସମାଜରେ ସହଜରେ ମିଶିଯିବାରେ ସାହାଯ୍ୟ କରେ। ଓମାନରେ ଭାରତୀୟ ସମୁଦାୟ ପ୍ରତି ମିଳୁଥିବା ସମ୍ମାନର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି ସେ, ସହ-ଅସ୍ତିତ୍ୱ ଓ ସହଯୋଗ ଭାରତୀୟ ପ୍ରବାସୀ ସମୁଦାୟର ପରିଚୟ ଅଟେ ।

## ବିଜୟ-ମୋକିମ ଭେଟଘାଟ ବଢାଇଲା ରାଜନୈତିକ ଚର୍ଚ୍ଚା

ଭୁବନେଶ୍ୱର,୧୮।୧୨(**ମହାଭାରତ**): କଂଗ୍ରେସରୁ ବହିଷ୍କୃତ ହୋଇଥିବା ମହମ୍ମଦ ମୋକିମ ଆଜି ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହ ଭେଟଘାଟକୁ ନେଇ ଓଡ଼ିଶା ରାଜନୀତିକ ମାହୋଲ ସରହଗରମ ହୋଇ ଉଠିଛି। ଭୁବନେଶ୍ୱର ବାସଭବନରେ ଏହି ମୁଲାକାତ ଏକ ନୂଆ ଆଞ୍ଚଳିକ ଦଳ ଗଠନ ନେଇ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ବିଜୟ-ମୋକିମ ସଙ୍କେତ ଦେଇଥିବାବେଳେ ଏବେ ଏହି ସାକ୍ଷାତ ପର୍ବ ଏଭଳି ଏକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଏ ନେଇ ମୋକିମ କହିଛନ୍ତି ଯେ, ବିଜୟ ତାଙ୍କ ବଡ଼ଭାଇ ସମାନ। ତେଣୁ ଭାଇଙ୍କୁ ଭେଟିବାକୁ ଆସିଥିଲି। ଏମିତି ଆହୁରି ୪/୫ ଦିନ ରାଜ୍ୟ ସାରା ବୁଲିବା କାର୍ଯ୍ୟକ୍ରମ ରହିଛି। ଏହାପରେ ମୋ ନିଷ୍ପତ୍ତି ଜଣାଇବି। ମୋକିମ କହିଛନ୍ତି, କିଛି କେନ୍ଦ୍ରୀୟ ନେତା ମୋ ସହ କଥା ହୋଇଛନ୍ତି। ମୁଁ ଯାହା ଚିଠିରେ ଲେଖିଥିଲି ସେ ବାବଦରେ ପଚାରି ବୁଝିଛନ୍ତି ରାଜ୍ୟ କଂଗ୍ରେସର ସ୍ଥିତି ବାବଦରେ ମୋତେ ପଚାରିଛନ୍ତି। ମୋ ଚିଠିରେ ପ୍ରଭାବ ପଡିଛି, ଆଶା କରୁଛି ତର୍ଜମା କରାଯିବ। କଂଗ୍ରେସ



ଦଳର ସ୍ଥିତିରେ ପରିବର୍ତ୍ତନ ହେବ। ମୁଁ ରାଜନୀତି କରୁଛି, ଆଗାମୀ ଦିନରେ କରିବି। ଖୁବ କମ୍ ଦିନ ଭିତରେ ନିଷ୍ପତ୍ତି ଜଣାଇବି ବୋଲି କହିଛନ୍ତି ମୋକିମ।

ପ୍ରକାଶଥାଉକି ଗତକାଲି, ସିଡବ୍ଲୁସି ସଦସ୍ୟ ଜୟରାମ ରମେଶ, ପବନ ଖେରା ମୋକିମଙ୍କ ସହ କଥା ହୋଇଥିଲେ। କିଛିଦିନ ପୂର୍ବରୁ କଂଗ୍ରେସର ଜାତୀୟ ଏବଂ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ଉପରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ପ୍ରଶ୍ନ ଉଠାଇଥିଲେ। ପିସିସିର ସୁପାରିସକୁ ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁମୋଦନ କରିବା ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ପ୍ରାଥମିକ ସଦସ୍ୟ ପଦରୁ ମୋକିମ୍‌ଙ୍କୁ ବହିଷ୍କାର କରିଛନ୍ତି। ଉଲ୍ଲେଖନୀୟ ଯେ,ଗତ ୧୧ ତାରିଖରେ ରାଜ୍ୟ କଂଗ୍ରେସର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଥିଲେ ବରିଷ୍ଠ ନେତା ମହମ୍ମଦ ମୋକିମ୍। ସେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ କରି ସୋନିଆ। ଗାନ୍ଧିଙ୍କୁ ଲେଖି ଥିଲେ ଚିଠି । ପିସିସି ସଭାପତିଙ୍କ ପରିଚାଳନାଗତ ତ୍ରୁଟି ପାଇଁ ନୂଆପଡ଼ାରେ କଂଗ୍ରେସ ହାରିଲା ବୋଲି ଅଭିଯୋଗ ଆଣିଥିଲେ। ଦଳ ବିରୋଧୀ କାର୍ଯ୍ୟ ପାଇଁ ମହମ୍ମଦ ମୋକିମ୍‌ଙ୍କୁ ଦଳରୁ ବହିଷ୍କାର କରାଯାଇ ଥିଲା।

## ଛାତ୍ରବୃତ୍ତି କେଳେଙ୍କାରୀ

**ଖୋର୍ଦ୍ଧା,୧୮।୧୨(ମହାଭାରତ):** ଖୋର୍ଦ୍ଧାରେ ଛାତ୍ରବୃତି କେଳେଙ୍କାରୀ ସାମନାକୁ ଆସିଛି। ଜାଲ ସାଟିଫିକେଟଦେଇ ଟଙ୍କା ହଡପ ଘଟଣାରେ ୭ ଟି କଲେଜର ୧୪୯ ଛାତ୍ରଛାତ୍ରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସଏଜି ଅଡିଟିରୁ ଏସମ୍ପର୍କରେ ଖୁଲାସା ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଖୋର୍ଦ୍ଧା ପୁଲିସ। ଛାତ୍ରଛାତ୍ରଙ୍କ ବିରୋଧରେ ଠକେଇ ନେଇ ଆଇପିସି ଦଫା ୪୨୦, ୩୫, ୪୬୭, ୪୬୮, ୪୭୧, ୪୭୪ ରୁଜୁ କରିଛି ପୁଲିସ। ମିଥ୍ୟା ଆୟ ଓ ଜାତିଗତ ପ୍ରମାଣପତ୍ର ଦାଖଲ କରି ୧୪୯ ଛାତ୍ରଛାତ୍ରୀ ହଡ଼ପଯୋଜନା କରିଥିଲେ। କେବଳ ସେତିକି ନୁହେଁ, କଲେଜରେ ଆଦୌ ନାଁ ନ ଲେଖାଇ କିମ୍ବା ଅନୁପସ୍ଥିତ ଥାଇ ବି ଛାତ୍ରବୃତ୍ତିର ଉଠାଉଥିଲେ ଫାଇଦା। ସିଏଜି ଖୋର୍ଦ୍ଧା ଜିଲ୍ଲାରେ ଏହି ଯୋଜନାର ସମୀକ୍ଷା କଲାବେଳେ ଏ କେଳେଙ୍କାରୀର ଖୁଲାସା କରିଛନ୍ତି । ଛାତ୍ରବୃତ୍ତି କେଳେଙ୍କାରୀରେ ଉଭୟ ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତିକୁ ନେଇ ଖୋର୍ଦ୍ଧା ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାସ ଖୋର୍ଦ୍ଧା ଆଦର୍ଶ ଥାନାରେ ଛାତ୍ରଛାତ୍ରୀ ଓ କଲେଜ ନାଁରେ ଏତଲା ଦେଇଛନ୍ତି । ଏନେଇ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ କେସ୍ ନମ୍ବର ୪୮୬ ଓ ୪୮୭ରେ ଦୁଇ ଗୋଟି ମାମଲା ରୁଜୁ କରିଛି ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ସରକାର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପ୍ରଦାନରେ ଦୁର୍ନୀତି ହୋଇଛି ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍‌ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍‌କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍‌କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



ଖବର

## ଘର ଘର ବୁଲି ପ୍ରଶଂସକଙ୍କୁ ଭେଟିବେ ସୁପରଷ୍ଟାରଙ୍କ ପତ୍ନୀ



'ବଲିଉଡ ସୁପରଷ୍ଟାର ଗୋବିନ୍ଦାଙ୍କ ପତ୍ନୀ ସୁନିତା ଆହୁଜାଙ୍କୁ ତ ଆପଣ ନିଶ୍ଚିତ ଜାଣିଥିବେ । ସେ ତାଙ୍କର ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ କରିବା ଦିନଠାରୁ, ସେ ସବୁବେଳେ ଆକ୍ଟିଭ ରହୁଛନ୍ତି । ପ୍ରଶଂସକମାନଙ୍କୁ ନୂଆ ଜିନିଷ ଦେଖାଉଛନ୍ତି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରୁଛନ୍ତି। ପ୍ରଶଂସକମାନେ ସୁନିତାଙ୍କ ସ୍ପଷ୍ଟବାଦୀ ଶୈଳୀକୁ ପସନ୍ଦ କରନ୍ତି। ସେ ନିକଟରେ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ସେ ଘୋଷଣା କରିଛନ୍ତି ଯେ ସେ ତାଙ୍କ ପ୍ରଶଂସକଙ୍କ ଘରକୁ ଯିବେ। ସୁନିତା କହିଥିଲେ, 'ମୋର ପ୍ରଶଂସକମାନଙ୍କୁ, ଯେଉଁମାନେ ମୋତେ ଭଲ ପାଆନ୍ତି ଏବଂ ଯେଉଁମାନେ ମୋତେ ଭଲ ପାଆନ୍ତି ନାହିଁ, ମୁଁ ଏବେ ଆପଣଙ୍କୁ କହୁଛି ଯେ ମୁଁ ଆପଣଙ୍କ ପରିବାରକୁ ଭେଟିବା ପାଇଁ ଆପଣଙ୍କ ଘରକୁ ଆସିବି ଏବଂ ଆପଣଙ୍କ ପରିବାରର ପସନ୍ଦର ଖାଦ୍ୟ ଖାଇବି। ତେଣୁ, କିଏ ଚାହେଁ ଯେ ମୁଁ ସେମାନଙ୍କ ଘରକୁ ଆସିବି, ବମ୍ବେରେ କିମ୍ବା ବମ୍ବେ ବାହାରେ, ଯଦି ଆପଣ ଅନ୍ୟ କୌଣସି ସ୍ଥାନରୁ ଆସିଥାନ୍ତି, ଦୟାକରି ମୋତେ ଜଣାନ୍ତୁ। ଯଦି ମୁଁ ଯେକୌଣସି ସମୟରେ ଆସୁଛି, ମୁଁ ଆପଣଙ୍କ ପାଖକୁ ଆସିବି। ବର୍ତ୍ତମାନ ପାଇଁ, ମୁଁ ବମ୍ବେରେ ଥିବା ମୋର ପ୍ରଶଂସକମାନଙ୍କୁ କହିବାକୁ ଚାହୁଁଛି, ମୋତେ ଜଣାନ୍ତୁ। ମୁଁ ଆପଣଙ୍କ ଘରକୁ ଆସିବି ଏବଂ ଆପଣଙ୍କ ପରିବାରକୁ ଭେଟିବି। ଆମେ କିଛି ମଜା କରିବୁ, ଏବଂ ଆମେ ଆପଣଙ୍କ ପ୍ରିୟ ଘରେ ରନ୍ଧା ଖାଦ୍ୟ ଏକାଠି ରାନ୍ଧିବୁ ଏବଂ ଏକାଠି ଖାଇବୁ।' ଏହା ଉଲ୍ଲେଖନୀୟ ଯେ କୋରିଓଗ୍ରାଫର-ନିର୍ଦ୍ଦେଶିକା ଫାରାହ ଖାନ ମଧ୍ୟ ତାଙ୍କ ଚ୍ୟାନେଲରେ ସମାନ କିଛି କରନ୍ତି। ସେ ତାଙ୍କ ରୋଷେୟା ଦିଲୀପଙ୍କ ସହିତ ସେଲିବ୍ରିଟିମାନଙ୍କ ଘରକୁ ଯାଆନ୍ତି ଏବଂ ଭିଡିଓ ପୋଷ୍ଟ କରନ୍ତି।

## ଉପହାରରେ ଦିଅନ୍ତୁ ନାହିଁ ପାଣି ପାତ୍ର



ଜଳ ମୁଖ୍ୟତଃ କେଉଁ ଗ୍ରହ ସହ ଜଡ଼ିତ ଓ ଜୀବନରେ ଏହାର ପ୍ରଭାବ କ'ଣ, ତାହା ହୁଏତ ସମସ୍ତଙ୍କୁ ଜାଣାନଥାଏ। ତେବେ ଆସନ୍ତୁ ଜାଣିବା ଜଳ ସହ ଗ୍ରହର କ'ଣ ରହିଛି ସମ୍ବନ୍ଧ।

ଜଳର ମୁଖ୍ୟତଃ ଚନ୍ଦ୍ରମା ଓ ଶୁକ୍ର ଗ୍ରହଙ୍କ ସହ ସମ୍ବନ୍ଧ ରହିଛି। କିଛି ମାତ୍ରାର ଏହାର ସମ୍ବନ୍ଧ ମଙ୍ଗଳ ଗ୍ରହଙ୍କ ସହ ମଧ୍ୟ ରହିଛି। ଜଳର ସଠିକ ପ୍ରୟୋଗ କରିବା ଦ୍ୱାରା ଜାତକରେ ଶୁକ୍ର ଓ ଚନ୍ଦ୍ରମାଙ୍କ ସ୍ଥିତି ଉତ୍ତମ ରହିଥାଏ।

ଶୁକ୍ରଙ୍କ ସ୍ଥିତି ମଜଭୂତ କରିବା ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ - ପ୍ରତିଦିନ ୨ଥର ସ୍ନାନ କରନ୍ତୁ। ସ୍ନାନ ଜଳରେ କିଛି ମାତ୍ରାରେ ଗୋଲାପ ଜଳ ମିଶାନ୍ତୁ। କାଚ ଗ୍ଲାସରେ ନିୟମିତ ଜଳ ପିଅନ୍ତୁ।

ପାଣି ପାତ୍ର ଉପହାରରେ ଦିଅନ୍ତୁ ନାହିଁ।

ଚନ୍ଦ୍ରମାଙ୍କ ସ୍ଥିତି ସୁଦୃଢ ଓ ମାନସିକ ଶାନ୍ତି ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ - ଘରର ବଗିଚାରେ ବହୁ ପ୍ରକାରର ଫୁଲର ବୃକ୍ଷ ଲଗାନ୍ତୁ ଓ ନିୟମିତ ସେଥିରେ ଜଳ ଅର୍ପଣ କରନ୍ତୁ।

ବର୍ଷାର ଜଳ ଏକ କାଚ ପାତ୍ରରେ ନେଇ କିଛି ସମୟ ଯାଏଁ ନିଜ ଶୟନ କକ୍ଷରେ ରଖନ୍ତୁ।

ଚନ୍ଦ୍ରମାଙ୍କ ସ୍ଥିତି ମଜଭୂତ କରିବା ପାଇଁ ସ୍ନାନ କରିବା ସମୟରେ ପ୍ରଥମେ ନାଭିରେ ଜଳ ପକାଇ ସ୍ନାନ କରନ୍ତୁ।

## ଅଭାବ ଅନଟନ ଦୂର କରିବ ଧାତୁ ନିର୍ମିତ କଇଁଛ



ଆମ ଶାସ୍ତ୍ରରେ କଇଁଛର ଅନେକ ମହତ୍ତ୍ୱ ରହିଛି। କୁହାଯାଏ ଯେ, ଘରେ ଓ କାର୍ଯ୍ୟାଳୟରେ କଇଁଛ ରଖିଲେ ସମସ୍ତ ବାସ୍ତୁ ଦୋଷ ଦୂର ହେବା ସହ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ପରିବାରରେ ସୁଖ ଶାନ୍ତି ବଜାୟ ରହିଥାଏ। କେବେ ହେଲେ କୌଣସି ଅଭାବ ଅନଟନ ଦେଖାଦେଇନଥାଏ। ହେଲେ ଘରେ କଇଁଛ ରଖିବାକୁ ହେଲେ ଆମକୁ କିଛି ଜିନିଷ ଉପରେ ଧ୍ୟାନ ଦେବାକୁ ହେବ। ଆସନ୍ତୁ ଜାଣିବା ସେଗୁଡ଼ିକ କ'ଣ? ୧) ପୁରାଣ ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ଦଶାବତାର ମଧ୍ୟରୁ ଗୋଟିଏ ଥିଲା କଚ୍ଛପ ବା କଇଁଛ ଅବତାର। ତେଣୁ କୁହାଯାଏ ଯେ ଘରେ କଇଁଛ ରଖିବା ଦ୍ୱାରା ସର୍ବଦା ଘରଲୋକଙ୍କ ଉପରେ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ରହିଥାଏ। ୨) କଇଁଛ ଏକମାତ୍ର ଜୀବ ଯିଏ କି ଅଧିକ ସମୟ ଯାଏ ଜୀବିତ ରୁହେ। ଧାତୁ ନିର୍ମିତ କଇଁଛକୁ ଆପଣ ଘରର ପୂଜାସ୍ଥାନରେ ରଖିପାରିବେ। ହେଲେ ମନେରଖନ୍ତୁ କଇଁଛକୁ କେବେ ହେଲେ ଖାଲିରେ ରଖିବେ ନାହିଁ। ଏହାକୁ ସବୁବେଳେ ପାଣିରେ ରଖିବେ। ଏହାଦ୍ୱାରା ଘରର ଉନ୍ନତି ହୋଇଥାଏ। ୩) କଇଁଛକୁ ଉତ୍ତର ଦିଗରେ ରଖିବା ଶୁଭ ହୋଇଥାଏ। କାରଣ ଏହି ଦିଗରେ ଲକ୍ଷ୍ମୀଙ୍କର ବାସ ହୋଇଥାଏ। ତେଣୁ ଏହି ସ୍ଥାନରେ କଇଁଛ ରଖିବାଦ୍ୱାରା ଶତ୍ରୁମାନଙ୍କର ବିନାଶ ହୋଇଥାଏ। ବେପାରରେ ସଫଳତା ମିଳିଥାଏ ଓ ଧନଲାଭ ହୋଇଥାଏ। ୪)ଯଦି ଘରେ ସବୁବେଳେ ଅଭାବ ଅନଟନ ଦେଖାଦେଉଛି, ଘରର ଆୟଠୁ ବ୍ୟୟ ଅଧିକ ହେଉଛି ତେବେ ଘରେ କ୍ରିଷ୍ଟାଲର କଇଁଛ ରଖିବା ଉଚିତ୍। ହେଲେ ମନେରଖନ୍ତୁ କଇଁଛର ମୁହଁ ସର୍ବଦା ଘରର ଭିତର ଆଡ଼କୁ ହେବା ଦରକାର। ୫) ଫେଙ୍ଗସୁଇ ଅନୁଯାୟୀ, କଇଁଛକୁ ଘରର ଡ୍ରଇଂ ରୁମ୍‌ରେ ରଖିବା ଉଚିତ୍। କେବେହେଲେ କଇଁଛକୁ ନିଜ ବେଡରୁମ୍‌ରେ ରଖନ୍ତୁ ନାହିଁ। ଏହାକୁ ବେଡରୁମ୍‌ରେ ରଖିଲେ ଘରର ସଦସ୍ୟଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ।

## ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍‌ଙ୍କ ଐତିହାସିକ ବିବରଣୀରେ ମଧ୍ୟ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ୍ୟ ଏକ ପାର୍ଶ୍ୱରେ ଶିବ ତ୍ରିଶୂଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ତ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଓ ଇଶାନ। ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୂପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରାମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—



"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା, ଚିଦାନନ୍ଦ ରୂପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଇଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

## ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ। ମହାବୀର ହନୁମାନ ଏବଂ ତାଙ୍କର ପୁରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ। ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା। ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ। ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି। କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ। ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି। ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି। ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ। ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି।



# ଏଆଇ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଗୁଗୁଲ୍ ଦ୍ୱାରା ଆୟୋଜିତ 'ଏଆଇ ଇମ୍ପାକ୍ଟ ସମ୍ମିଟ'ରେ ଯୋଗଦେଇ ଭାରତର କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷମତାକୁ ପ୍ରୋତ୍ସାହିତ କରିବା ସହ ଦେଶରେ ଏକ 'ଏଆଇ-ପ୍ରସ୍ତୁତ ପିଢ଼ି' ସୃଷ୍ଟି କରିବା ତଥା ଏଆଇ ମାଧ୍ୟମରେ ଆଗାମୀ ପିଢିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଦେଶରେ ୪ଟି ଏଆଇ ଉତ୍କର୍ଷ କେନ୍ଦ୍ର ସହିତ ଗୁଗୁଲ୍ ର ସହଯୋଗ ଏବଂ ଏଥିପାଇଁ ୮ ମିଲିୟନ୍ ଆମେରିକୀୟ ଡଲାର୍ ବିନିଯୋଗକୁ ପ୍ରଶଂସା କରିଛନ୍ତି। ଏହା ବ୍ୟତୀତ, ଆଇଆଇଟି ବମ୍ବେ ଠାରେ 'ଇଣ୍ଡିକ୍ ଲାଙ୍ଗୁଏଜ୍ ଟେକ୍ନୋଲୋଜିଜ୍ ରିସର୍ଚ୍ଚ ହବ୍' ପ୍ରତିଷ୍ଠା ପାଇଁ ଗୁଗୁଲ୍ ଦ୍ୱାରା ପ୍ରଦତ୍ତ ୨ ମିଲିୟନ୍ ଆମେରିକୀୟ ଡଲାର ଯୋଗଦାନକୁ ମଧ୍ୟ ସେ ସ୍ୱୀକୃତି ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଇଣ୍ଡିଆ ଏଆଇ ମିଶନ୍' ସହିତ ଏହିପରି ରଣନୀତିକ ଶିଳ୍ପ ଭାଗିଦାରୀ ଭାରତକୁ ଏକ ଆନ୍ତର୍ଜାତୀୟ ଏଆଇ ଶକ୍ତିକେନ୍ଦ୍ରରେ ପରିଣତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସେ ଗୁଗୁଲ୍ ଭଳି ବୈଶ୍ୱିକ ସହଯୋଗୀମାନଙ୍କୁ କେବଳ ପାଣ୍ଠି ଯୋଗାଣ ବଦଳରେ, ଏଆଇ ଉତ୍କର୍ଷ କେନ୍ଦ୍ରଗୁଡ଼ିକ ସହିତ ଦୀର୍ଘମିଆଦୀ ସାଂସ୍ଥାନିକ ଭାଗିଦାରୀ ସ୍ଥାପନ କରିବାକୁ ଆହ୍ୱାନ କରିଛନ୍ତି। ଏହା ଦ୍ୱାରା ଭାରତ ବିଶ୍ୱସ୍ତରୀୟ ଏଆଇ ମୂଲ୍ୟ ସୃଷ୍ଟିର



ଏକ କେନ୍ଦ୍ର ହୋଇପାରିବ ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ହୋଇପାରିବ।

ପରେ, ଶ୍ରୀ ପ୍ରଧାନ ଗୁଗୁଲ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ତଥା ଉପ-ସଭାପତି ଶ୍ରୀମତୀ ପ୍ରୀତି ଲୋବାନା ଏବଂ ଗୁଗୁଲ୍ ନେତୃତ୍ୱ ଟିମ୍ ସହ ଏକ ଫଳପ୍ରଦ ବୈଠକ କରିଥିଲେ। ଏହି ଆଲୋଚନାରେ ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା, ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ, ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଉନ୍ନତ ଶିକ୍ଷାକୁ ସୁଗମ କରିବା ପାଇଁ ପ୍ରଯୁକ୍ତିର ଉପଯୋଗ ଏବଂ ବଡ଼ ଭାଷା ମଡେଲ୍ ଗୁଡ଼ିକୁ (ଏଲଏଲଏମ) 'ଭାରତୀୟ ଭାଷା' ଓ 'ଭାରତୀୟତା' ସହିତ ସମନ୍ୱିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀ ପ୍ରଧାନଙ୍କ ଏହି ଉଦ୍ୟମଗୁଡ଼ିକ ପ୍ରଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଭାରତର ଆଗାମୀ ଯାତ୍ରା ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ପଣ୍ୟାଗାର ନିଗମ ପକ୍ଷରୁ ଲାଭାଂଶ ପ୍ରଦାନ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଆଜି ଓଡ଼ିଶା ରାଜ୍ୟ ସରକାରଙ୍କୁ ଲାଭାଂଶ (ଡିଭିଡେଣ୍ଡ) ଅର୍ଥ ପ୍ରଦାନ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୮୧,୫୯,୮୪୫/- ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି। ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମାନ୍ୟବର ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି।

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ନିଗମର ମୋଟ ଲାଭ ହେଉଛି ୫,୪୩,୯୮,୯୬୫/- ଟଙ୍କା। ଏହି ବର୍ଷ ପାଇଁ ମୋଟ ଲାଭର ୩୦% ହିସାବରେ ଡିଭିଡେଣ୍ଡ୍ ରାଶି ହେଉଛି ୧,୬୩,୧୯,୬୯୦/ ଟଙ୍କା। ଏହି ଡିଭିଡେଣ୍ଟ ରାଶିକୁ ଉଭୟ ଅଂଶୀଦାର ଯଥା ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ସମ ପରିମାଣରେ ଅର୍ଥାତ ପ୍ରତିଟି ଅଂଶୀଦାରଙ୍କୁ ୮୧,୫୯,୮୪୫/- ଟଙ୍କା ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ପଣ୍ୟାଗାର ନିଗମର ସଚିବ ରଞ୍ଜିତା ସାହୁ, ବିତ୍ତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ,



ମୁଖ୍ୟ ସାଧାରଣ ପରିଚାଳକ ତୃପ୍ତି କଲ୍ୟାଣ ସେଠୀ, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ଜେଆରସିଏସ ଲିଙ୍ଗରାଜ ନାୟକ, ବରିଷ୍ଠ ଅଧୀକ୍ଷକ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ୧୯୫୮ ମସିହାରେ ସ୍ଥାପିତ ହୋଇଥିଲା। ଏହାର ଷ୍ଟୋରେଜ୍ କ୍ଷମତା ହେଉଛି ୫,୨୧,୬୦୦ ମେଟ୍ରିକ ଟନ୍ । ରାଜ୍ୟର ୩୦ଟି ଜିଲ୍ଲାରେ ୬୮ଟି ଗୋଦାମ ରହିଛି ।

# ରେଳବାଇ ପାର୍ସଲ୍ ଗ୍ରାହକଙ୍କ ସହ ବ୍ୟବସାୟିକ ସୁଗମତା ବୈଠକ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ପୂର୍ବତଟ ରେଳପଥ ପାର୍ସଲ କ୍ଷେତ୍ରରେ ଅଂଶୀଦାରଙ୍କ ସହଭାଗିତାକୁ ସୁଦୃଢ଼ କରିବା ଏବଂ ବ୍ୟବସାୟ



କ୍ଷେତ୍ରରେ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ 'ପାର୍ସଲ ବ୍ୟବସାୟ: ପ୍ରମୁଖ ଗ୍ରାହକ ବୈଠକ' ଆୟୋଜନ କରିଛି।

ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ (ପିସିସିଏମ୍) ଶ୍ରୀମତୀ ରୀତା ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟାଳୟ ଏବଂ ଡିଭିଜନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରମୁଖ ପାର୍ସଲ ଗ୍ରାହକମାନେ ଆଲୋଚନା ଅଧିବେଶନରେ ଅଂଶଗ୍ରହଣ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ବିଭିନ୍ନ ନୀତିଗତ ପଦକ୍ଷେପ ବିଷୟରେ ସୂଚନା ଦେବା ଏବଂ ପାର୍ସଲ ସେବାର ଆହୁରି ଉନ୍ନତି ପାଇଁ ମତାମତ ହାସଲ କରିବା।

ଏହି ବୈଠକରେ ଭାରତୀୟ ରେଳପଥର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ, ଯଥା ପାର୍ସେଲ୍ ସ୍ଥାନର ଇ-ନିଲାମ, ପାର୍ସେଲ୍ କାର୍ଗୋ ଏକ୍ସପ୍ରେସ୍ ଟ୍ରେନ୍, ଇଣ୍ଡେଂଟେଡ୍ ପାର୍ସେଲ୍ ଟ୍ରେନ୍, ଡିମ୍ଡ ଭିପି ଏବଂ ପାରଦର୍ଶିତା, କ୍ଷମତା ଓ ସେବା ପ୍ରଦାନ ବୃଦ୍ଧି ପାଇଁ ଆଣାଯାଇଥିବା ବିଭିନ୍ନ ଡିଜିଟାଲ୍ ପଦକ୍ଷେପ ସମ୍ପର୍କରେ ଗ୍ରାହକମାନଙ୍କୁ ଜଣାଇ ଦିଆଯାଇଥିଲା।

ପ୍ରମୁଖ ଗ୍ରାହକମାନେ ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ମୂଲ୍ୟବାନ ପ୍ରସ୍ତାବ ରଖିଥିଲେ। ପାର୍ସଲ ବ୍ୟବସାୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟାନୁଷ୍ଠାନମୂଳକ ସମସ୍ୟା, ଯେପରିକି ଭିପି ଲିଜିଂ ପାଇଁ ଅନାପତ୍ତି ପ୍ରମାଣପତ୍ର , ପ୍ଲାଟଫର୍ମରେ ପାର୍ସଲ ଷ୍ଟାକିଂ, କିଛି ନିର୍ଦ୍ଦିଷ୍ଟ ଟ୍ରେନର ଅଟକିବା ସମୟସୀମା ବୃଦ୍ଧି ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଅଂଶୀଦାରମାନଙ୍କୁ ଆଶ୍ୱାସନା ଦିଆଯାଇଥିଲା ଯେ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ପାର୍ସଲ ଲୋଡିଂ ସମ୍ଭାବନାକୁ ଆହୁରି ବୃଦ୍ଧି କରିବା ଏବଂ ସମୟ ମଧ୍ୟରେ ଅଂଶୀଦାରଙ୍କ ସମସ୍ୟାର ସମାଧାନ କରିବା ପାଇଁ ନିୟମିତ ବ୍ୟବଧାନରେ ଏପରି ପ୍ରମୁଖ ଗ୍ରାହକ ବୈଠକ ଆୟୋଜନ କରାଯିବ ବୋଲି ମଧ୍ୟ ସୂଚିତ କରାଯାଇଥିଲା। ପୂର୍ବତଟ ରେଳପଥ ଗ୍ରାହକ-କେନ୍ଦ୍ରିକ, ଦକ୍ଷ ଏବଂ ବ୍ୟବସାୟ-ଅନୁକୂଳ ପାର୍ସଲ ସେବା ପ୍ରଦାନ କରିବା ଏବଂ ଏକ ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ ଅଂଶୀଦାର ଭାବରେ ଏହାର ଭୂମିକାକୁ ସୁଦୃଢ଼ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି।

# ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ନେଇ ଡିଜିଙ୍କ ସମୀକ୍ଷା



**ଭୁବନେଶ୍ୱର,୧୮।୧୨ (ମହାଭାରତ):** ଇଂରାଜୀ ନବ ବର୍ଷ ୨୦୨୬ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତଙ୍କ ପୁରୀକୁ ଆସିବାର ସମ୍ଭାବନା ରହିଛି। ଭକ୍ତଙ୍କ ସୁରକ୍ଷା, ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ମନ୍ଦିର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥାର ସୁସମନ୍ୱୟ ଓ ସୁପରିଚାଳନା ଉପରେ ମଙ୍ଗଳବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମନ୍ଦିର ପରିସର ମଧ୍ୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ସୁନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥାର ସୁପରିଚାଳନା, ସମୁଦ୍ର କୂଳରେ ପାଟ୍ରୋଲିଂ, ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ ସିସିଟିଭି ସ୍ଥାପନ, ହୋଟେଲ ଓ ଲଜ୍ ଗୁଡିକରେ କଡା କଡ଼ି ଚେକିଂ ଭଳି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଥିସହ ବରିଷ୍ଠ ଅଧିକାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା, ଭକ୍ତମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ ଏବଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା କରିବାକୁ ସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ନବବର୍ଷ ପାଳନ ଅବସରରେ ପୁରୀରେ ସୁରକ୍ଷିତ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ପୁଲିସ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଭୁବନେଶ୍ୱର-କଟକ ପୋଲିସ କମିଶନର, ଏସ.ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର ) ରାଜେଶ କୁମାର, ଡିଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାଏକ, ଡିସିପି ଭୁବନେଶ୍ୱର, ଜଗ ମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

# ସଚିବାଳୟର ସହାୟକ ଉପବିଭାଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶେଷ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ଓଡ଼ିଶା ସଚିବାଳୟର ଚତୁର୍ଥ ବ୍ୟାଚ୍ ସହାୟକ ଉପବିଭାଗ ଅଧିକାରୀ (ଇଣ୍ଡକସନ୍ ଟ୍ରେନିଂ)ମାନଙ୍କ ସମ୍ବର୍ଦ୍ଧନା ସଭା ଅଶୋକ ନଗରସ୍ଥିତ ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନର ନୂତନ ଗୃହରେ ଅନୁଷ୍ଠିତ ହୋଇଯାଇଛି।



ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଶାସନର ପ୍ରାଣକେନ୍ଦ୍ର ସଚିବାଳୟରେ ଅବସ୍ଥାପିତ ଓଡ଼ିଶା ସଚିବାଳୟ ସେବା ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସରକାରୀ କାର୍ଯ୍ୟରେ ଦକ୍ଷତା, ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ପାରଦର୍ଶିତା ଓ ସଦାଚାରିତା ଅବଲମ୍ବନ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଅବଧି ମଧ୍ୟରେ ବିଭିନ୍ନ ଜିଲ୍ଲା, ବ୍ଲକ୍, ପୋଲିସ ଷ୍ଟେସନ୍, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଦି ଗସ୍ତ କରି ସେଠାକାର ସରକାରୀ କାର୍ଯ୍ୟଶୈଳୀ ତଥା ସରକାରୀ ଯୋଜନାଗୁଡ଼ିକର ପରିଚାଳନା ସମ୍ପର୍କୀୟ ଜ୍ଞାନ ଆହରଣ କରିବା ପାଇଁ ସେ ଉପଦେଶ ଦେଇଥିଲେ।

ଓଡ଼ିଶା ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମର ମୁଖ୍ୟ ପରିଚାଳନା ଅଧ୍ୟକ୍ଷ ସୌମେନ୍ଦ୍ର ପ୍ରିୟଦର୍ଶୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଯୁଗ ଉପଯୋଗୀ ପ୍ରଶିକ୍ଷଣ ଅନୁଷ୍ଠାନକୁ ନିର୍ମାଣ କରିବାର ଦାୟିତ୍ୱ ଓଡ଼ିଶା ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମକୁ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଅନୁଷ୍ଠାନର ନିର୍ମାଣ କାର୍ଯ୍ୟ ମାତ୍ର ତିନି ବର୍ଷ ମଧ୍ୟରେ ସମାପ୍ତ କରିଥିବାରୁ ନିଗମର ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ପ୍ରଣତୀ ଛୋଟରାୟ ସରକାରୀ କାର୍ଯ୍ୟ ଦକ୍ଷତାର ସହ ଓ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନବନିଯୁକ୍ତ ସହାୟକ ଉପବିଭାଗ ଅଧିକାରୀମାନଙ୍କୁ ପ୍ରସ୍ତୁତ କରିବାରେ ପ୍ରଶିକ୍ଷଣ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ଷଡ଼ଙ୍ଗୀ ଅତିଥି ଓ ନୂତନ ଭାବେ ଯୋଗଦେଇଥିବା ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଲାଭ କରିଥିବା ସହାୟକ ଉପବିଭାଗ ଅଧିକାରୀମାନେ ସେମାନଙ୍କର ପ୍ରଶିକ୍ଷଣରୁ ଲାଭ କରିଥିବା ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

# ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ବୈଦେଶିକ ମୁଦ୍ରା ମିଆଦୀ ଋଣ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ଦେଶର ଅଗ୍ରଣୀ ବ୍ୟାଙ୍କ୍, ବ୍ୟାଙ୍କ୍ ଅଫ୍ ବରୋଦା (ବିଓବି), ଓଏନଜିସି ବିଦେଶ ଲିମିଟେଡ୍ (ଓଭିଏଲ୍) ର ଏକ ଗିଫ୍ଟ ସିଟି ପଞ୍ଜିକୃତ ପୂର୍ଣ୍ଣ ମାଲିକାନା ସହାୟକ କମ୍ପାନୀ ଓଭିଏଲ୍ ଓଭରସିଜ୍ ଆଇଏଫ୍ଏସସି ଲିମିଟେଡ୍‌କୁ ୫୦୦ ନିୟୁତ ଆମେରିକୀୟ ଡଲାରର ୫-ବର୍ଷର ବୈଦେଶିକ ମୁଦ୍ରା ମିଆଦୀ ଋଣ ପ୍ରଦାନ କରିଛି। ବ୍ୟାଙ୍କ ଅଫ୍ ବରୋଦା ଏବଂ ଓଏନଜିସି ବିଦେଶ ଲିମିଟେଡର ବରିଷ୍ଠ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଗିଫ୍ଟ ସିଟିର ବ୍ୟାଙ୍କ ଅଫ୍ ବରୋଦା ଆଇଏଫ୍ଏସସି ବ୍ୟାଙ୍କିଂ ୟୁନିଟ୍‌ରେ ଏହି ମିଆଦୀ ଋଣ ସୁବିଧା ପାଇଁ ଡ୍ରାଡାଉନ୍ ସମାରୋହ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ୍ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଲଳିତ ତ୍ୟାଗୀ କହିଛନ୍ତି, "ଏହି ୫୦୦ ନିୟୁତ ଡଲାରର ସୁବିଧାର ସଫଳ କାରବାର ବ୍ୟାଙ୍କ ଅଫ୍ ବରୋଦାର ସିଣ୍ଡିକେଟେଡ୍ ବିଦେଶୀ ମୁଦ୍ରା ଋଣରେ କ୍ଷମତାକୁ ପ୍ରଦର୍ଶିତ କରେ। ଏହି କାରବାର ଗିଫ୍ଟ ସିଟିର ବର୍ଦ୍ଧିତ ପରିପକ୍ୱତା ଓ ଭାରତୀୟ ବ୍ୟାଙ୍କଗୁଡ଼ିକର ସୀମାପାର ପାଣ୍ଠି ସଂଗ୍ରହ ତଥା ଓଏନଜିସି ଭଳି ପିଏସୟୁ ଗୁଡ଼ିକର ବିଶ୍ୱସ୍ତରୀୟ କାର୍ଯ୍ୟକୁ ସମର୍ଥନ କରିବାରେ କ୍ଷମତାକୁ ସହଯୋଗ କରିପାରୁଛି।

# ପ୍ରଶାନ୍ତ ମହାପାତ୍ରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ପ୍ରଶାନ୍ତ ମହାପାତ୍ର ଥିଲେ ଜଣେ ସ୍ୱାଭିମାନୀ ନେତା। ଜଣେ ସଚ୍ଚୋଟ, କର୍ମଠ ଯୁବ ନେତା ଭାବେ ପରିଚିତ। ପୁରୁଣା ଭୁବନେଶ୍ୱରର ଏହି ଯୁବ ନେତା ପ୍ରଶାନ୍ତ ମହାପାତ୍ର ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ଅତି ନିକଟତର ଥିଲେ। ବିଜୁବାବୁ ଯେଉଁ




ସମୟରେ ଯେଉଁ ଦାୟିତ୍ୱ ଦେଉଥିଲେ ସେ ତାହାକୁ ସଠିକ୍ ଭାବେ ନିର୍ବାହ କରୁଥିଲେ। ସେ କେବେ ହେଲେ ନିଜ ସ୍ୱାର୍ଥପ୍ରତି ଧ୍ୟାନ ଦେଉ ନ ଥିଲେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ମଙ୍ଗଳବାର ସ୍ଥାନିୟ ଗୀତ ଗୋବିନ୍ଦ ସଦନରେ ପ୍ରଶାନ୍ତ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ତୃତୀୟ ଶ୍ରାଦ୍ଧ ବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଶାନ୍ତ ମହାପାତ୍ରଙ୍କ ନିଷ୍ଠା କର୍ତ୍ତବ୍ୟ ଯୋଗୁ ଆଜି ବି ସମସ୍ତଙ୍କ ମନରେ ରହିଛନ୍ତି ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ବିଜେଡି ନେତା ଅରୂପ ପଟ୍ଟନାୟକ ଯୋଗଦେଇ କହିଥିଲେ ସମସ୍ତେ ଫାଇଟର ଯାହାଙ୍କୁ ରଶ୍ମୀ ମହାପାତ୍ର ଏହି ମଞ୍ଚରେ ଏକାଠି କରିପାରିଛି। ପ୍ରଶାନ୍ତ ମହାପାତ୍ର ବିଜୁ ବାବୁଙ୍କ ଭଳି ଲଢିକି ନେବାକୁ ଚାହୁଁଥିଲେ, ଦାନ ଚାହୁଁ ନ ଥିଲେ। ସେଥିପାଇଁ ବିଜୁ ବାବୁଙ୍କର ପ୍ରିୟ ହୋଇଥିଲେ ପ୍ରଶାନ୍ତ। ୧୯୮୦-୯୦ ଦଶକର କାଳ ଖଣ୍ଡନକୁ ଆଲୋଚନା କଲେ ପ୍ରଶାନ୍ତ ମହାପାତ୍ରଙ୍କ କଥା ନ କହିଲେ ଭୁବନେଶ୍ୱର ବିକାଶ ସେତେବେଳେ ଅଧୁରା ରହିଯିବ ବୋଲି ପୂର୍ବତନ ବିଧାୟକ ପ୍ରଭାତ ତ୍ରପାଠି କହିଥିଲେ। ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ମୋତେ ଯଦି କିଏ ରାଜନୈତିକ ନେତା ଭାବେ ଗଢିଥାଏ ସେ ହେଲେ ପ୍ରଶାନ୍ତ ଭାଇନା।

# ୨୧ରେ ସୈନିକସ୍କୁଲ ମିନି ମାରାଥନ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ସୈନିକ ସ୍କୁଲ ଏବଂ ଓଏମସିର ମିଳିତ ଉଦ୍ୟମରେ ଏହାର ୯ତମ ମିନି ମାରାଥନ ଚଳିତ ମାସ ୨୧ ତାରିଖ ସକାଳ ୬.୦୦ ଘଟିକା ବେଳେ ସ୍କୁଲର ଗାନ୍ଧି ଖେଳ ପଡିଆ ଠାରେ ଅନୁଷ୍ଠିତ ହେବ। ଏହି ଦୌଡ଼ ପ୍ରତିଯୋଗିତାରେ ସ୍କୁଲର ୬୦୦ କ୍ୟାଡେଟ, ୨୦୦ ପୁରାତନ ଛାତ୍ର ଏବଂ ସହୋଦୟ ସ୍କୁଲ ଓ ସରକାରୀ ସ୍କୁଲରୁ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛତ୍ରୀଙ୍କୁ ମିଶାଇ ସର୍ବମୋଟ ୧୨୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ସୈନିକସ୍କୁଲ ପରିସର ମଧ୍ୟରେ ଥିବା ମାନ୍ଧୀ ମିନି ଷ୍ଟାଡିୟମରୁ ସିନିଅର ପ୍ରତିଯୋଗୀ ମାନେ ନିଜର ଦୌଡ଼ ଆରମ୍ଭ କରି ସ୍କୁଲର ମୁଖ୍ୟ ଗେଟ, ମଞ୍ଚେଶ୍ୱର ବଜାର ରାସ୍ତା, ରେଳ କଲୋନୀ ରାସ୍ତା, ଓମଫେଡ ଛକ, ନାଲକୋ-କଳିଙ୍ଗହସପିଟାଲ ଛକ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର ଛକ, ଆପୋଲ ହସପିଟାଲ, ସୈନିକ ସ୍କୁଲ ଛକଦେଇ ୧୦ କି.ମି ପଥ ଅତିକ୍ରମ କରି ଶେଷରେ ଆରମ୍ଭ ହୋଇଥିବା ଗାନ୍ଧୀଷ୍ଟାଡିୟମ ଠାରେ ପହଞ୍ଚିବେ। ଦୌଡର ଜୁନିୟର ବିଭାଗରେ ପ୍ରତିଯୋଗୀ ମାନେ ସୈନିକସ୍କୁଲରୁ ବାହାରି ମଞ୍ଚେଶ୍ୱର ରାସ୍ତା, ଓମଫେଡ ଛକ, ନାଲକୋ-କଳିଙ୍ଗ ହସପିଟାଲ ଛକ, ଗଜପତି ନଗର ରାସ୍ତାଦେଇ ସୈନିକ ସ୍କୁଲ ଗାନ୍ଧୀ ଷ୍ଟାଡିୟମ ଠାରେ ପହଞ୍ଚିବେ। ଉକ୍ତ ଦୌଡ଼ ପ୍ରତିଯୋଗିତାକୁ କର୍ଣ୍ଣଲ ରୋହିତ ସିଂହ, ସେନା ମେଡାଲ, କମାଣ୍ଡିଙ୍ଗ ଅଫିସର, ୧୨୦ ଟି.ଏ ବାଟାଲିୟନ, ଭୁବନେଶ୍ୱର ମୁଖ୍ୟ ଅତିଥିଭାବେ, ସୈନିକସ୍କୁଲ ଅଧ୍ୟକ୍ଷ କର୍ଣ୍ଣଲ ପଙ୍କଜ କୁମାର, ସୈନିକସ୍କୁଲ ପୁରାତନ ଛାତ୍ର ସଂଘର ସଭାପତି ମଧୁସୂଦନ ପାଢ଼ୀ ଓ ସ୍କୁଲର ବରିଷ୍ଠ ପୁରାତନ ଛାତ୍ର ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିବେ।

# ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୧୩୪ ମାମଲା

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ରାଜ୍ୟରେ ଚୋରା ବାଲି, ମୋରମ, ମାଙ୍କଡା ପଥର ମାଫିଆ ତଥା ବେଆଇନ ଗୋ-ଚାଲାଣକାରୀଙ୍କ ବିରୋଧରେ ଓଡିଶା ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ ଗୋ ଚାଲାଣ ଉପରେ ରୋକ ଲଗାଇବା ପାଇଁ କିଛି ଦିନ ଧରି ପୋଲିସ ତରଫରୁ ଅପରେସନ୍ ଧରପଗଡ ଅଭିଯାନ କରାଯାଇଥିଲା। ରାଜ୍ୟ ତମାମ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି।



ଅଦ୍ୟାବଧି ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୧୩୪ ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୬୩ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି। ଏହା ସହ ୧୪ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୯୨ରୁ ଅଧିକ ଲୋକଙ୍କୁ ନୋଟିସ ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲା ପୋଲିସ ୩୯ ଟି ମାମଲା ରୁଜୁ କରି ୪୫ ଟି ଯାନ, ବାଲେଶ୍ୱର ୩୨ ଟି ମାମଲା କରି ୬୭ ଟି ଯାନ, ଭଦ୍ରକ ଜିଲ୍ଲା ୧୮ ଟି ମାମଲା ସହ ୧୮ ଟି ଯାନ ଏବଂ ଗଞ୍ଜାମ ଜିଲ୍ଲା ୩୩ ଟି ମାମଲା ରୁଜୁ କରି ୩୩ ଟି ଯାନ ଜବତ କରିଛି। ସେହିପରି ବେଆଇନ ଗୋ-ଚାଲାଣ ଅଭିଯୋଗରେ ପୋଲିସ ୨୩ଟି ମାମଲା ରୁଜୁ କରିବା ସହ ୩୧ ଜଣଙ୍କୁ ଗିରଫ କରିଛି।

ରାଜ୍ୟରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା, ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ, ଗୋ-ଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ୍ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପି 'ଅପରେସନ୍ ଧରପଗଡ' ଅଭିଯାନରେ ସାମିଲ ହୋଇଥିଲେ।

# ସଲଭ ଫର ଟୁମରୋ : ଏଆଇର ବ୍ୟବହାରରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ କଲ୍ୟାଣକାରୀତାର ରୂପାନ୍ତରୀକରଣ

**ଭୁବନେଶ୍ୱର,୧୮।୧୨ (ମହାଭାରତ):** ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଭୂମିକା କେବଳ ଭବିଷ୍ୟତବାଦୀ ନୁହେଁ – ଏହା ଯଥାର୍ଥରେ ନିଦାନ, ଯତ୍ନ ଏବଂ ରୋଗୀ ମାନଙ୍କୁ ସମ୍ମାନ ଦେବା କ୍ଷେତ୍ରରେ ଆଜି ଏକ ପୁନଃସଂଜ୍ଞାକରଣ ଅଟେ। ସାମସଙ୍ଗ ସଲଭ ଫର ଟୁମରୋ ୨୦୨୫, ଆଇଆଇଟି ଦିଲ୍ଲୀର ସହଭାଗୀତାରେ, ଦେଶର କୋଣ ଅନୁକୋଣରୁ ହଜାର ହଜାର ବିଦ୍ୟାର୍ଥୀଙ୍କୁ ଏକାଠି କରି ଏଆଇ ସମାଧାନର ବାସ୍ତବ ଦୁନିଆ ତଥା ଏଆଇ-ପ୍ରଥମ, ମାନବ-କୈନ୍ଦ୍ରିକ ସମାଧାନକୁ ଡ଼ିଜାଇନ କରିଛି ସେହି ପ୍ରସଙ୍ଗ ଉପରେ ଯାହାର ବିଷୟବସ୍ତୁ ହେଉଛି "ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ କଲ୍ୟାଣକାରୀତାର ଭବିଷ୍ୟତ"। ବିଦ୍ୟାର୍ଥୀ ମାନେ ସ୍ୱାସ୍ଥ୍ୟ ଯତ୍ନର ଜ୍ଞାନକୌଶଳକୁ ଗ୍ରହଣ କରିବା ନିମନ୍ତେ ଏଥିପାଇଁ ଆମନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ସ୍ୱଚ୍ଛତା, ପରିଷ୍କୃତତା, ସୁକ୍ଷମତା, ଆବେଗଭରା କଲ୍ୟାଣକାରୀତା ଏବଂ ଯତ୍ନଶୀଳତାର ସୁସ୍ଥତା ପାଇଁ ଏକ ଉନ୍ନତ ସ୍ୱାସ୍ଥ୍ୟ ସେବାକୁ ସଠିକ୍ ଢ଼ଙ୍ଗରେ ଆଣି ତଥା ଏହାକୁ କୌଣସି ଆଡ଼ମ୍ବରପୂର୍ଣ୍ଣତାରେ ନ ରଖି ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି। ଆଲକେମିଷ୍ଟ, ବିଆରଏଚ୍ଏମ, ହିୟରବାଇଟ, ପିଙ୍କବ୍ରିଗେଡ଼ିୟସ ଭଳି ଦଳ ଗୁଡ଼ିକ ଏଭଳି ନବୀନତମତାକୁ ବିବିଧ ପରିଚାଳିତ ବାୟୋନିକ୍ ହସ୍ତଚାଳିତ ଠାରୁ ଆଣି ଏଆଇର ଦୈନିକ ପରୀକ୍ଷଣ ଯନ୍ତାଂଶ ସହିତ ସୂଚନା ପ୍ରଦାନକାରୀ ସ୍ତନସ୍ୱାସ୍ଥ୍ୟ ଆପ୍ ଏବଂ ଭାଷଣ ଅନୁମୋଦନକାରୀ ଯନ୍ତାଂଶ ଗୁଡ଼ିକୁ ଭାରତର ଭାଷାଗତ ବିବିଧତା ସହିତ ଜ୍ଞାନକୌଶଳରେ ସଜ୍ଜିତ କରି ଏହା ଯଥାର୍ଥରେ ସମ୍ମାନ ଏବଂ ଯତ୍ନଶୀଳତାର ଗ୍ରହଣକାରୀତା ଉପରେ ଆଲୋକପାତ କରିଅଛି। ଆଲକେମିଷ୍ଟ (ଆନ୍ଧ୍ର ପ୍ରଦେଶ)- ଏଆଇ-କ୍ଷମତାଯୁକ୍ତ ମଂଚ ସହିତ ଏହା ଗଭୀର ଭାବରେ ଅନେକ ଗୁଡ଼ିଏ ଶିକ୍ଷଣୀୟ ମଡ଼େଲ ଗୁଡ଼ିକୁ ଏକାଠି କରି ଉପ-ଚ଼ିକିତ୍ସାଗତ ସିଲିକୋସିସ୍‌କୁ ପରୀକ୍ଷଣ କରିପାରିଛି।

# ଯୁବବର୍ଗଙ୍କୁ ନେତୃତ୍ୱ

ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତିଭାବେ ଜଣେ ଅପେକ୍ଷାକୃତ ଯୁବ ନେତା ନୀତିନ ନବୀନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ସେ ଏବେ ବିହାରର ଜଣେ ମନ୍ତ୍ରୀ ଅଛନ୍ତି । ବିହାର ବ୍ୟତୀତ ଦେଶର ଅନ୍ୟ କୌଣସି ରାଜ୍ୟରେ ତାଙ୍କର ପରିଚୟ ନାହିଁ । ଜଣେ ରାଷ୍ଟ୍ରୀୟ ନେତାଭାବେ ତାଙ୍କୁ କେହି ଚିହ୍ନନ୍ତି ନାହିଁ । ତେଣୁ ତାଙ୍କୁ ବିଜେପିର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯିବା ରାଜନୀତିକ ମହଲରେ ବିସ୍ମୟ ସୃଷ୍ଟି କରିଛି । ୪୫ ବର୍ଷ ବୟସ୍କ ନୀତିନ ଜଣେ ଦକ୍ଷ ଓ ଲୋକପ୍ରିୟ ନେତା । କ୍ରମାଗତ ୫ବର୍ଷ ଲାଗି ସେ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଛନ୍ତି । ରାଷ୍ଟ୍ରୀୟ ରାଜନୀତି ସହ ତାଙ୍କର କୌଣସି ସମ୍ପର୍କ ନାହିଁ । ବିଜେପିରେ ବହୁ ବଡ ବଡ ନେତା ଓ ନେତ୍ରୀ ଥିବାବେଳେ ତାଙ୍କୁ କାହିଁକି ଏଭଳି ବଡ ଦାୟିତ୍ୱ ପ୍ରଦାନ କରାଗଲା ସେଥିନେଇ ସାଧାରଣରେ କୌତୁହଳ ସୃଷ୍ଟି ହୋଇଛି । କିନ୍ତୁ ଏହାହିଁ ବିଜେପି ଓ ଅନ୍ୟ ଦଳ ମଧ୍ୟରେ ଫରକ । ନରେନ୍ଦ୍ର ମୋଦୀଙ୍କୁ ଯେତେବେଳେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ କରାଯାଇଥଲା ସେତେବେଳେ ତାଙ୍କୁ ଦଳ ଭିତରେ ମଧ୍ୟ ଖୁବ୍ କମ ଲୋକ ଚିହ୍ନିଥିଲେ ।ସେ ଥରେ ହେଲେ ବି ବିଧାନସଭାକୁ ନିର୍ବାଚିତ ହୋଇନଥଲେ । କିନ୍ତୁ ସେ ନିଜକୁ ଦେଶର ଜଣେ ଜନନାୟକ ଭାବେ ଶୀଘ୍ର ପ୍ରମାଣିତ କଲେ । ନୀତିନ ନବୀନ କାଲି ଆଉଜଣେ ନରେନ୍ଦ୍ର ମୋଦୀ ଭାବେ ନିଜକୁ ପ୍ରତିଷ୍ଠା ନକରିବେ ବୋଲି କିଏ କହିବ ? ବିଜେପି ଓ ବାମପନ୍ଥୀଙ୍କ ବ୍ୟତୀତ ଅନ୍ୟସବୁ ଦଳ ଜଣେ ନେତା ବା ଗୋଟିଏ ପରିବାର ଦ୍ୱାରା ପରିଚାଳିତ । ସେହିସବୁ ଦଳରେ ଦକ୍ଷ ଓ ନିଷ୍ଠାପର କର୍ମୀଙ୍କ ଉପରକୁ ଉଠିବା ସମ୍ଭାବନା ନାହିଁ । କଂଗ୍ରେସ ଦଳରେ ଗାନ୍ଧୀ ପରିବାର ବ୍ୟତୀତ ଅନ୍ୟ କେହି ନେତୃତ୍ୱ ନେବାର ସମ୍ଭାବନା ନହିଁ । କିନ୍ତୁ ବିଜେପିରେ ଜର ସାଧାରଣ କର୍ମୀ ନିଜ ଯୋଗ୍ୟତା ଓ ଦକ୍ଷତା ବଳରେ ଦଳର ସର୍ବୋଚ୍ଚ ନେତା ଏବଂ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିବ । ବିଜେପିରେ ମୋଦୀଙ୍କ ଯୁଗ ଶେଷ ହୋଇ ଆସୁଛି ମୋଦୀଙ୍କ ପରେ ବିଜେପିର କିଏ ନେତୃତ୍ୱ ନେବ ସେହି ପ୍ରଶ୍ନ ଉଠୁଛି । ନୀତିନ ନବୀବ ଖୁବଶୀଘ୍ର ଦଳର ଅଧ୍ୟକ୍ଷ ହେବେ । ତାଙ୍କ ସହିତ ଅନ୍ୟ ବହୁ ଯୁବନେତାଙ୍କୁ ସଂଗଠନ ଦାୟିତ୍ୱ ମିଳିବ । ଯିଏ ଦକ୍ଷତା ପ୍ରମାଣିତ କରିବେ ସେ ଦଳର ନେତା ହେବ ।ଏହା ହିଁ ବିଜେପିର ନୀତି ଓ ଅନ୍ୟଦଳ ଠାରୁ ଭିନ୍ନତା । ଗତ କିଛି ବର୍ଷ ଭିତରେ ବିଜେପିରେ ଅନେକ ନୂଆ ନେତାଙ୍କୁ ଆଗକୁ ଅଣାଯାଇଛି । ଓଡିଶା, ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନୂଆ ମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି ।ଦିଲ୍ଲୀରେ ରେଖା ଗୁପ୍ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଛି । ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡନବିଶଙ୍କୁ ଦଳର ନେତୃତତ୍ୱ ଦିଆଯାଇଛି । ଏଥିରୁ ବିଜେପିରେ ନେତୃତ୍ୱର ପିଢି ପରିବର୍ତ୍ତନ ହେଉଥିବା ସଂକେତ ମିଳୁଛି ।୨୦ ବର୍ଷର ଅଭିଜ୍ଞତା ଥିବା ଏବଂ ଆଗକୁ ୨୦ ବର୍ଷ ରାଜନୀତି କରିବାକୁ ସମ୍ଭାବନା ରଖିଥିବା ନେତାଙ୍କୁ ବିଜେପି ଗୁରୁତ୍ୱ ଦେଉଛି । ସେହିମାନଙ୍କ ମଧ୍ୟରୁ ହିଁ ଦଳର ପରବର୍ତ୍ତୀ ନେତା ବାହାରିବେ । କିଛିବର୍ଷ ତଳେ ଓଡିଶାର ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀ ପଦ ସହ ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ କରିଥିଲେ । ଆଗାମୀ ଦିନରେ ତାଙ୍କ ଭଳି ଅନେକ ସଫଳ ନେତାଙ୍କୁ ଦଳକୁ ଆଗକୁ ନେବା ପାଇଁ ଦାୟିତ୍ୱ ପ୍ରଦାନ କରାଯିବାର ସମ୍ଭାବନ ରହିଛି ।

# ଗ୍ରାମୀଣ ଭାରତର ଗ୍ରାହକ

**॥ ଗିରିଧାରୀ ସାମଲ ॥**


*;ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି । ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି । ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ ।*


'ଫାଷ୍ଟ ମୁଭିଂ କନଜ୍ୟୁମର ଗୁଡ୍‌ସ' ବା ଏଫଏମ୍‌ସିଜି - ଯାହାକୁ ଆମେ ଓଡ଼ିଆରେ କହିପାରିବା ଦ୍ରୁତ ବିକ୍ରୟଶୀଳ ଦ୍ରବ୍ୟ ବିକ୍ରିରେ ଗ୍ରାମୀଣ ଭାରତରେ ଯେଉଁ ଅଭିବୃଦ୍ଧି ୨୦୨୨ରେ ଲକ୍ଷ୍ୟ କରାଯାଇଛି ତାହା ସହରରେ ଏଫଏମ୍‌ସିଜି ବିକ୍ରିରେ ହୋଇଥିବା ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ । ପୂର୍ବେ ଯେଉଁ ଧାରଣାଟିଏ ଥିଲା ଯେ ଏଫଏମ୍‌ସିଜି ସାମଗ୍ରୀର ବଜାର ଗାଁରେ ବିଶେଷ ନାହିଁ, ସେ ଧାରଣା ଏବେ ବଦଳିବା ଆରମ୍ଭ କରିଛି ।

ଏହା ଅବଶ୍ୟ ସତ ଯେ ଭାରତରେ ଏଫଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗାଁର ଭାଗ ସହରର ଏକ ତୃତୀୟାଂଶ, ତେବେ ଖୁବ୍ ଶୀଘ୍ର ଏ ବ୍ୟବଧାନ ପୂରଣ ହୋଇଯିବାର ସମ୍ଭାବନା ଦିଶିଲାଣି । ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ ଯଦି ମୂଲ୍ୟ, ଦ୍ରବ୍ୟର ଆକାର ଏବଂ ପ୍ୟାକିଂ ଠିକ୍ ରହେ, ତେବେ ଗ୍ରାମୀଣ ଉପଭୋକ୍ତା ସହରୀ ଗ୍ରାହକମାନଙ୍କ ଠାରୁ ପଛରେ ରହିବେ ନାହିଁ । ତେଣୁ ଏବେ ବଡ଼ ବଡ଼ ଏଫଏମସିଜି କମ୍ପାନୀମାନେ ଭାରତର ବିଶାଳ ଗ୍ରାମୀଣ ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ପ୍ରକାର ଉପାୟ ଆପଣାଇବା କଥା ଚିନ୍ତା କଲେଣି ।

୨୦୨୦ ଏବଂ ୨୦୨୧ରେ ଏଫ୍‌ଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗ୍ରାମୀଣ ଭାରତରେ ଏକ ପ୍ରକାର ସ୍ଥାଣୁତା ଦେଖିବାକୁ ମିଳିଥିଲା । ବରଂ ଏହା ବିଯୁକ୍ତାତ୍ମକ ଥିଲା । ୨୦୨୦ ଏବଂ ୨୦୨୧ରେ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ଥିଲା ଯଥାକ୍ରମେ -୦.୫ ପ୍ରତିଶତ ଏବଂ -୩.୫ ପ୍ରତିଶତ । କିନ୍ତୁ ୨୦୧୫ରେ ସେଇ ଧାରାରେ ବିରାମ ଲାଗି ଏଫ୍‌ଏମ୍‌ସିଜି ବିକ୍ରୟରେ ବିରାଟ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ଆଗେ ଅଧିକାଂଶ ଭାବୁଥିଲେ ଯେ ଗ୍ରାମୀଣ ଉପଭୋକ୍ତା ଏକ ପାରମ୍ପରିକ କ୍ଷେତ୍ରରେ ହିଁ କିଣାକିଣି କରନ୍ତି । କିନ୍ତୁ ବଜାର ସର୍ବେକ୍ଷଣ ସଂସ୍ଥା ଆଇଏମ୍‌ଆରବି ଦ୍ୱାରା କରାଯାଇଥିବା ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରେ ଗ୍ରାମୀଣ ଭାରତରେ ଏଫ୍‌ଏମ୍‌ସିଜିର ଚାହିଦାରେ ୫.୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସହରରେ ଅଭିବୃଦ୍ଧିର ହାର ହେଉଛି ୨.୯ ପ୍ରତିଶତ । ଏହି ଧାରା ଜାରି ରହିଲେ ଖୁବ୍ ଶୀଘ୍ର ଏଫଏମ୍‌ସିଜି ଦ୍ରବ୍ୟର ବିକ୍ରିରେ ଗାଁ ଗହଳିର ଉପଭୋକ୍ତାଙ୍କ ଭାଗ ୪୫ ପ୍ରତିଶତ ହୋଇଯିବ । ଭାରତୀୟମାନଙ୍କ ଆୟ ବଢ଼ିଛି । ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି । ଏହା ସହିତ ଟଙ୍କା ଖର୍ଚ୍ଚକୁ ନେଇ ରହି ଆସିଥିବା ପୁରୁଣା ଭାରତୀୟ ଆଭିମୁଖ୍ୟରେ ବି ପରିବର୍ତ୍ତନ ଦେଖାଦେଇଛି । ସଂପ୍ରତି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ସମଗ୍ର ବିଶ୍ୱରେ ଭାରତୀୟ ଗ୍ରାହକ ବଜାରକୁ ବଡ଼ ବଜାର ଭାବେ ଦେଖି ଅନେକ ପ୍ରୋତ୍ସାହନ ମୂଳକ ସୁବିଧା ଦେବା ସହ ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ସାମର୍ଥ୍ୟକୁ ଦେଖି ସେମାନଙ୍କ ସାମଗ୍ରୀର ଦର ରଖୁଛନ୍ତି । ଯାହାକି ଭାରତୀୟ ଗ୍ରାହକଙ୍କ ପକେଟ ସୁହାଉଛି ।

ଭାରତୀୟ ବଜାର ସମଗ୍ର ବିଶ୍ୱରେ ବିଶ୍ୱସ୍ଥ ଓ ବଡ଼ ବଜାର କ୍ଷେତ୍ରରେ ପଞ୍ଚମ ସ୍ଥାନରେ ରହିଛି ଏହା ନିଶ୍ଚିନ୍ତ ଭାବରେ ଖୁସିର କଥା । ଏ କ୍ଷେତ୍ରରେ ଚୀନର ଏକଚାଟିଆ ବଜାର ମାମଲତି କମି ଯାଇଛି । ସରକାର ମଧ୍ୟ ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଭାରତ ଆସି ସେମାନଙ୍କ ବେପାର ବଣିଜକୁ ବ୍ୟାପକ କରିବା ପାଇଁ ଉଚ୍ଚ ହାରର ଟିକସକୁ କମାଇଛନ୍ତି । ପୂର୍ବର ମିତବ୍ୟୟୀ ଭାରତ ଏବେ ତୁଳନାତ୍ମକ ଭାବେ ଅଧିକ ଖର୍ଚ୍ଚ ହେବାର ଲକ୍ଷଣ ପ୍ରଦର୍ଶନ କଲାଣି ।

ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି । ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି । ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ । ଏହାର କାରଣ ହେଲା ଏକ ଅନୁକୂଳ ମୌସୁମୀର ପ୍ରାକ୍ ସୂଚନା ମିଳିଛି, ଯାହା କୃଷି କ୍ଷେତ୍ରରେ ଉନ୍ନତି ଆଣିବ ଏବଂ ଗତ ଦୁଇବର୍ଷର ହତାଶାକୁ ଦୂର କରିବ, ଦ୍ୱିତୀୟରେ ସରକାର ଗ୍ରାମରେ କୃଷିର ବିକାଶ ତଥା ରୋଜଗାର ବୃଦ୍ଧି ଲାଗି ନେଇଥିବା ପଦକ୍ଷେପ । ତୃତୀୟରେ ସପ୍ତମ ବେତନ କମିସନର ସୁପାରିସ ହେତୁ ସରକାରୀ କର୍ମଚାରୀଙ୍କ ଦରମାରେ ଏକ ବଡ଼ ଧରଣର ବୃଦ୍ଧିର ଆଶା ।

ତେଣୁ ଚଳିତ ବର୍ଷ ଏ ଅଭିବୃଦ୍ଧି ଆହୁରି ଉଚ୍ଚା ହେବ ବୋଲି ଏକ ବଜାରରେ ଆଭାସ ମିଳିଲାଣି । ସଂପ୍ରତି ବଜାରରେ ଦରଦାମର ଉଚ୍ଚ ମୂଲ୍ୟ ରହୁଥିବା ବେଳେ ସରକାରୀ ଓ ବେସରକାରୀ ସଂଗଠନରେ ଅଧିକାଂଶ କ୍ଷେତ୍ରରେ ଦରମା ଓ ଅର୍ଥନୈତିକ ସୁବିଧା ସୁଯୋଗ ବଢ଼ିଛି । ତେବେ ଅନେକ ସରକାରୀ କର୍ମଚାରୀ, ବେତନ ଭୋଗୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସ୍ଥିତି ଉଚ୍ଚାର ରହିପାରୁନାହିଁ । ଏହାର ବଡ଼ କାରଣ ହେଉଛି ସେମାନଙ୍କର ପୂର୍ବ ଋଣ ବା ବ୍ୟାଙ୍କରୁ ନେଇଥିବା ଆର୍ଥିକ ସହଯୋଗ । ଏହାକୁ ନିର୍ଦ୍ଦିଷ୍ଟ ଅବଧି ଭିତରେ ପରିଶୋଧ ନକଲେ ଚଢ଼ା ଦରରେ ଏକ ପ୍ରକାର ଚକ୍ରହାର ସୁଧରେ ସେମାନେ ଆର୍ଥିକ କ୍ଷତିକୁ ସହି ଥାଆନ୍ତି । ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଭାରତର କିଛି ବଡ଼ ବଡ଼ କମ୍ପାନୀ ସେମାନେ ନିର୍ଦ୍ଦିଷ୍ଟ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟାପକ ସୁବିଧା ଓ ସବସିଡି ପ୍ରଦାନ କରିବା ସହ ମାସିକ କିସ୍ତି ବ୍ୟବସ୍ଥା କରୁଛନ୍ତି ।

ଯାହାକି ବେତନଭୋଗୀ କର୍ମଚାରୀ ଓ ସମାଜର ସବୁଠାରୁ ବଡ଼ ଗ୍ରୁପ କୁହାଯାଉଥିବା ମଧ୍ୟବର୍ତ୍ତି ମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି । ସେମାନେ ବ୍ୟାପକ କିଣାବିକା କରିବା ସହ ଭାରତୀୟ ଅର୍ଥନୀତି ମଧ୍ୟ ବଡ଼ ଆକାରରେ ବଜାରରେ କାୟା ମେଲାଇ ଲୋକଙ୍କୁ ବ୍ୟାପକ ସୁବିଧା ପ୍ରଦାନ କରୁଛି । ସରକାର ମଧ୍ୟ ମଝିରେ ମଝିରେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଆର୍ଥିକ ସୁବିଧା, ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ସୁବିଧାର ସୁବନ୍ଦୋବସ୍ତ କରିଛନ୍ତି । ଏ କ୍ଷେତ୍ରରେ ଖୋଲା ହାତ ଖର୍ଚ୍ଚ ନକରି ମିତବ୍ୟୟୀ ହେବା ମଧ୍ୟ ଜରୁରୀ । କାରଣ ଅନେକ କ୍ଷେତ୍ରରେ ଦେଖାଯାଏ ଖୋଲା ଖର୍ଚ୍ଚପଣିଆ ଜଣଙ୍କ ପାଇଁ ପରବର୍ତ୍ତୀ ସମୟରେ ଆର୍ଥିକ ଦୁଃସ୍ଥିତିର ବଡ଼ କାରଣ ହୋଇଥାଏ । ଏମିତି ହେଲେ ଭାରତୀୟ ଅର୍ଥନୀତି ଚଳଚଞ୍ଚଳ ରହିବ ଯାହା ଭାରତୀୟ ଅର୍ଥନୀତି ଲାଗି ଶୁଭଙ୍କର ହେବ ।


ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪


# ପ୍ରକୃତି, ପରିବେଶ ଓ ମାଆ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ମାମାକୁ ତା' ମାଆ କହିଲେ, 'ତୁ ଟିକେ ରୋଷେଇ ଘରୁ ଚିନି ଡ଼ବାଟା ଆଣିଲୁ' । ମାମା ଶୁଣିଲା ନାହିଁ । ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ । ତଥାପି ମାମା ହୁଙ୍କିଲା ନାହିଁ । ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନଶୁଣିଲା ପରି ଶୋଇବା ଘରକୁ ଚାଲିଗଲା । ଶେଷରେ ତା'ର ମାଆ ମାମା ଚୁଟିଝିଙ୍କି ତା ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ । ମାମା ଜୋରରେ କାନ୍ଦିଲା । କିଛି ଉତ୍ତର ନକଲେ ବି ମନମାରି ବସିଗଲା । ନା ପାଠ ପଢ଼ିଲା ନା ଆଉ କିଛି କାମ କଲା । ଏଥିରୁ ଜଣାପଡ଼ିଲା ମାମାର ମାଆ ତାକୁ କେମିତି ଶିକ୍ଷା-ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମାଆଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ । ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ । କିନ୍ତୁ ଶିଶୁଟିଏର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା'ର ମାଆ ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତାହେଲେ ସେ ଅନ୍ତତଃ ସେହିସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା ।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ । କିନ୍ତୁ ସେହି ସ୍ନେହ ମାପଚୁପି ବିତରଣ କରିବା ଉଚିତ । ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମାଆ ଶିଶୁଟିର ବେପରୁଆ ନୀତିକୁ ଲଗାମ୍ ଲଗାଏ । ଏମିତିରେ ପ୍ରତିଟି କଥାରେ ଭଲ-ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମାଆଙ୍କର ଗୁରୁ ଦାୟିତ୍ୱ । ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମାଆ ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ । ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକରାତ୍ମକ ହୋଇଥାଏ । ତେବେ ନକରାତମକ ସ୍ୱଭାବ ତା ପାଇଁ ତଥା ବଂଶର ବଦନାମ ପାଇଁ ଦାନା ଯୋଗାଇଥାଏ, ଏପରି ସ୍ୱଭାବକୁ ତାର ମାଆ ଗୋଟି ଗୋଟି କରି ନିବୃତ୍ତ କରିବା ଉଚିତ । ଯଦି କୌଣସି ନା କୌଣସି ଯୁକ୍ତାତ୍ମକ ସ୍ୱଭାବ ଲକ୍ଷ୍ୟ କରୁଥାନ୍ତି ତାହେଲେ ସେଭଳି ସ୍ୱଭାବପ୍ରତି ତାକୁ ଉତ୍ସାହିତ କରିବା ଉଚିତ । ପିଲାଟି ଭଲ କଥା କହୁଛି । ଭଲ କାମ କରୁଛି । ଭଲ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରୁଛି, ଭଲ ପିଲାଙ୍କ ସହ ମିଶିବାକୁ ଚାହୁଁଛି, କୌଣସି ଭଲ କଥାକୁ ସହଜରେ ଗ୍ରହଣ କରୁଛି ଓ ମନେ ରଖି ପାରୁଛି । ପରଉପକାରୀ ବା ସାହାଯ୍ୟ ମନୋଭାବର । ପୁଣି ପ୍ରଖର ଧୀଶକ୍ତି, ଭଲ କାମକୁ ଅନୁକରଣ, କୌଣସି ଭଲ କାମ ପାଇଁ ମନଯୋଗ କିମ୍ବା ସକରାତ୍ମକ ଦିଗରେ ତା'ର ଉତ୍ସାହ ଦେଖିଲେ ତାର ମାଆ ତାକୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ଦେବା ଉଚିତ୍ ।

କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତାର ମାଆଙ୍କୁ ଭଲ ଲାଗେ, ଖରାପ ବି ଲାଗେ । କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମାଆ ବାରଣ କରିଥାନ୍ତି । ଏତେବେଳେ ଶିଶୁ ଓ ମାଆ ମଧ୍ୟରେ ପାଚେରି ଗଢ଼ି ଉଠେ । ପିଲା ଚାହେଁ ତାହା କରିବାକୁ; କିନ୍ତୁ ମାଆ ତାକୁ ବାରଣ କରେ । ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମାଆ ତାର ବିରୋଧୀ । ତଥାପି ମାଆ ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ । ଭୟରେ ନହେଲେ ସ୍ନେହରେ, କିମ୍ବା ସ୍ନେହରେ ନହେଲେ ଭୟରେ ତାକୁ ସେସବୁ ନକାରାତ୍ମକ ଦିଗରୁ ମାଆ ନିବୃତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ।

ପରିବେଶ ଅନୁସାରେ ପିଲାଟି କେତେକ ନକରିବା କଥା କରିବସେ । ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧି ସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହାସୀ ହୋଇଥାଏ । କେତେକ ବାସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ । ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ । କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ । କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମାଆର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ । ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱ-ପ୍ରକୃତି ବା ମାଆଙ୍କ ଶିକ୍ଷା-ଦୀକ୍ଷାକୁ ବିଚ୍ୟୁତ ହେବାକୁ ପଡ଼େ । ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ । ବରଂ ତାର ଏକାକୀତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍ । ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇ ଯାଉଛି, ତାହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ । ପରିବେଶ ଯେ ପିଲାର ବିରୋଧୀ ହୁ. ତାନୁହେଁ - ବେଳେ ବେଳେ ମାଆ ବାପାଙ୍କୁ ଯେଉଁ ପରିବେଶରେ ସୁହାଉନଥାଏ, ସେ ପରିବେଶରେ ପିଲାଟି ଖାପଖୁଆଇ ପାରେ । ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶରେ ସେ ସମର୍ଥକ କି ନୁହେଁ, ଅନୁଧ୍ୟାନ କରନ୍ତୁ । ନତୁବା ତାକୁ ସୁହାଉନଥିବା ପରିବେଶ ତାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ । ଯେଉଁ ପିଲା ଯେପରି ହେବା କଥା ସେପରି ହେବ । ଅବଶ୍ୟ ଏଭଳି ଲୋକ ବିଶ୍ୱାସ ଭୁଲନୁହେଁ । କାହିଁକି ନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠିକାର ଅନୁନ୍ନତ ପରିବେଶରେ ମଧ୍ୟ ନିଜାର ଶାରୀରିକ ଓ ମାନସିକ ବିକାଶ କରିପାରୁଛି । ସେହି ପିଲାମାନଙ୍କ ମଧ୍ୟରୁ କିଏ ସୈନିକ ହେଉଛନ୍ତି ତ କଏ ପାଠପଢ଼ି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଏପରିକି ଆଇଏଏସ, ଆଇପିଏସ କିମ୍ବା ଓଏଏସ୍ ହୋଇ ପାରୁଛନ୍ତି । କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି । ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ' କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ । ପିଲାଟିର ଜନ୍ମଗତ ପ୍ରକୃତି, ପରିବେଶ ଓ ମାଆଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ । ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ । ଏଥିପାଇଁ ମାଆ ହିଁ ବେଶୀ ଦାୟୀ । ନହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇନପାରେ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଜୀବନର ସଂଜ୍ଞା

**॥ ଅନୀତା ପଟ୍ଟନାୟକ ॥**

ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ । ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା । ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ । ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ । ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ । ମଣିଷର ଜୀବନ ଦୌଡୁଥିବା ଏକ ରାସ୍ତା ପରି । ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ । ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା - ସାମାଜିକ ଓ ଆଧ୍ୟାତ୍ମିକ । ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ । ଆଧ୍ୟାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ । ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ । ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହତା । ସାଧୁ କହିଲେ କାହାରିକୁ କୁତ୍ସରଟନା କରନାହିଁ । ତୁମେ ମାନବର ଜୀବନକୁ ଦେଖ । ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ । ସେମାନେ ଉଚ୍ଚପଦବୀ ଚାହାଁନ୍ତି । ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା - ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା । ଅନେକଙ୍କର ବିଦ୍ୟାଅର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ କରିବା ଇତ୍ୟାଦି । ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ । କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି । କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ୍ୟ ହୁଅନ୍ତି । ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା । ଘଣ୍ଟା କାଳର ପ୍ରତୀକ । ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ । ଉଦ୍ୟମ ଜାରି ରଖିବାକୁ ପଡ଼ିବ । ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ । ଆମର ଚାହିଦା ଇଚ୍ଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର । ଘଣ୍ଟାର ଏସବୁ କିଛି ନାହିଁ ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର । ଯେ ଉତ୍ତମ ସେ ବଞ୍ଚେ । ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ । ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ । ଏହା ଜୀବନର ରୀତି । ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ । ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ । ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ । ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି । ଘଣ୍ଟା କହିଲା ହେ ମହାନୁଭବ ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ । ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ । ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ୍ୟ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ । ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ । ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ । ଆମର ଚାହିଦା ଓ ଇଚ୍ଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର । ଜୀବନ ସ୍ଥିର ନୁହେଁ । ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି । କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା । ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ । ଉପର ତଳରେ ସୁନ୍ଦରତା ଥାଏ । ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ । ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି । ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ । ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର । ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ୍ୟ ସେହିପରି ସୀମା ଅଛି । ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ । ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ । ଦୁଇ ଆଖି ଶୃଙ୍ଖଳାର ସହ ଦେଖେ । ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାଯୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ । ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ । ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ । ମନର ନିର୍ଦ୍ଦେଶରେ ନୁହେଁ । ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ୍ୟ ନିଜର ପନ୍ଥା ନିଜକୁ ବାଛିବାକୁ ହେବ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ । ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ । ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଅଣ୍ଡାମଳୟପରି । କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି । ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ । ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି । ହେ ଅଶ୍ୱ ଓ ଘଣ୍ଟା ! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ । ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ । ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ । ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା । ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ । ଡଙ୍ଗା ପାଣିରେ ଭାସେ । ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ । ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ । ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ । ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ ।


ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ଆହାରକେନ୍ଦ୍ରରେ ଯୁବକଙ୍କ ଠାରୁ ଉଦ୍ଧାର ହେଲା ବନ୍ଧୁକ

ସୋର, (ମହାଭାରତ) : ବାଲେଶ୍ୱର ଜିଲ୍ଲା ସୋର ଥାନା ସୋର ମେଡ଼ିକାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଖାଇବା ପାଇଁ ଆସିଥିବା ଜଣେ ଯୁବକଙ୍କ ପାଖରୁ ବନ୍ଧୁକ ଜବତ । ଏମିତି ଏକ ଚାଞ୍ଚଲ୍ୟ କର ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସୋର ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ର ରେ । ସୂଚନା ଅନୁଯାୟୀ ଆଜି ସୋର ଆହାର କେନ୍ଦ୍ରରେ ଆହାର ଭୋଜନ ଚାଲିଥିବା ବେଳେ ଦୁଇ ଜଣ ଛାତ୍ର ହଠାତ ସୋର ଆହାର ପରିସର ରେ ପହଂଚି ଆହାର ମାଗିଥିଲେ । ସେଠାରେ ଥିବା ମହିଳା ଗୋଷ୍ଠୀ କେନ୍ଦ୍ର ର ଦିଦି ଜଣକ ସେମାନଙ୍କୁ ଆହାର ଦେବା ସମୟ ରେ ମହିଳା ଦିଦି ଜଣଙ୍କ ଯୁବକଙ୍କ ଅଣ୍ଟାରେ ଏକ ବନ୍ଧୁକ ଦେଖିବାକୁ ପାଇଥିଲେ । ଯୁବକ ଜଣକ ଏହା ଏକ ଖେଳନା ବୋଲି କହିବା ରୁ ମହିଳା ଦିଦି ଜଣଙ୍କ ସେମାନଙ୍କ ଠାରୁ ବନ୍ଧୁକ ଟି ଛାଡଇ ନେଇ ଥିଲେ । ଏହି ସମୟ ମଧ୍ୟରେ ଦୃବୃତ୍ତ ମାନେ ଡର ରେ ବନ୍ଧୁକ ଟି ଛାଡି ଭୟରେ ଦୌଡ଼ି ପଳାଇ ଯାଇଥିଲେ । ମହିଳା ।ଜଣଙ୍କ ପୋଲିସକୁ ଖବର ଦେବାକୁ ଉକ୍ତ ଯୁବକ ଜଣଙ୍କ ବନ୍ଧୁକ ଛାଡି ଦୌଡ଼ି ପଳାଇ ଯାଇଛନ୍ତି । ସୋର ପୋଲିସ ଯୁବକ କାବୁ କରିବା ସହ ଅଧିକ ତଦନ୍ତ ଜାରି ରଖିଛି ।

## ଧାନ କ୍ରୟ କାର୍ଯ୍ୟକ୍ରମର ନିରୀକ୍ଷଣ ପାଇଁ ଜିଲ୍ଲାପାଳ ପରିଦର୍ଶନ

ସମ୍ବଲପୁର, (ମହାଭାରତ) : ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା. ପ୍ର. ସେ.) ଜିଲ୍ଲାର ବିଭିନ୍ନ ପିପିସି ମଣ୍ଡି, ଯଥା ଷଣ୍ଢପଥର, ଫାଶୀମାଲ, ଗୁଣ୍ଡରଚୂଆନ, ସୁବର୍ଣ୍ଣପାଲି, ବୋକସମା, ଗୋଛାରା, କୁନ୍ତରା ଓ କୁସୁମୀ ପିପିସି ପରିଦର୍ଶନ କରିଥିଲେ। ମଣ୍ଡିର ସୁଚାରୁ ଓ ସମୟୋପଯୋଗୀ କାର୍ଯ୍ୟକୁ ନିଶ୍ଚିତ କରିବା ସହିତ, ମଣ୍ଡିର ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି। ଚଳିତ ଖରିଫ ଧାନ କ୍ରୟ ଋତୁ (୨୦୨୫–୨୬)ରେ, ଜିଲ୍ଲା ପ୍ରଶାସନଙ୍କ ସକ୍ରିୟ ନିରୀକ୍ଷଣ ଫଳରେ ଧାନ କ୍ରୟ କ୍ଷେତ୍ରରେ ସୁସ୍ପଷ୍ଟ ଓ ସକାରାତ୍ମକ ପ୍ରଗତି ପରିଲକ୍ଷିତ ହେଉଛି। ସୂଚନା ଅନୁଯାୟୀ, ଗତ ବର୍ଷ (୨୦୨୪–୨୫) ଜିଲ୍ଲାରେ ମୋଟ ୬୦,୩୫୯ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ, ଯେଉଁଥିରୁ ୬୦,୨୮୧ ଜଣ ଚାଷୀଙ୍କୁ ଯାଞ୍ଚ କରାଯାଇଥିଲା। ଚଳିତ ବର୍ଷ (୨୦୨୫–୨୬) ଏହି ସଂଖ୍ୟା ବୃଦ୍ଧି ପାଇ ୬୫,୧୪୩ ଜଣ ପଞ୍ଜୀକୃତ ହୋଇଛନ୍ତି ଏବଂ ୬୪,୩୩୭ ଜଣ ଚାଷୀଙ୍କୁ ଯାଞ୍ଚ କରାଯାଇଛି, ଯାହା ଚାଷୀମାନଙ୍କର ସକ୍ରିୟ ଭାଗିଦାରିକୁ ସୂଚିତ କରେ। ଧାନ କ୍ରୟରେ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ଦେଖାଯାଇଛି। ଗତ ବର୍ଷ ଏହି ଦିନ ମୋଟ ୧୪,୮୯୬ ଚାଷୀ ଆବର୍ତ୍ତିତ ହୋଇଥିଲେ, ଏବଂ ୮,୮୬,୧୯୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା। ଚଳିତ ବର୍ଷ ଏହି ଦିନ ୨୦,୮୦୯ ଚାଷୀ ଆବର୍ତ୍ତିତ ହୋଇଛନ୍ତି ଏବଂ ୯,୬୧,୫୬୬.୬୦ କୁଇଣ୍ଟାଲ ଧାନ କ୍ରୟ ସଫଳତାର ସହିତ ସମ୍ପନ୍ନ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ଓ ସମୟୋପଯୋଗୀ କରିବା ପାଇଁ, ଟୋକନ୍ ପ୍ରଣାଳୀକୁ ସକ୍ରିୟ ଭାବରେ ରୂପାୟଣ କରାଯାଇଛି। ଗତ ବର୍ଷ ୭୪,୭୮୬ ଟୋକନ୍ ଜାରି ହୋଇଥିଲେ, ଚଳିତ ବର୍ଷ ୭୩,୪୩୭ ଟୋକନ୍ ଜାରି ହୋଇଛି। ଜିଲ୍ଲା ପ୍ରଶାସନ ସଚେତନ ଭାବରେ ଧାନ କ୍ରୟକୁ ସୁଚାରୁ ଓ ସମୟୋପଯୋଗୀ କରିବା, ଚାଷୀଙ୍କୁ ସମୟମାନେ ଅର୍ଥପ୍ରଦାନ କରିବା ଏବଂ କ୍ଷେତ୍ରସ୍ଥ ସମସ୍ୟାଗୁଡିକର ସମାଧାନ କରିବା ପାଇଁ ପ୍ରତିବଦ୍ଧ।

## ଭାରସ୍ୟାମ ହରାଇ ଓଲଟିଲା କାର, ଅଳ୍ପକେ ବର୍ତ୍ତିଲେ ୫ ଯୁବକ

କାକଟପୁର, (ମହାଭାରତ) : ଗୁରୁବାର ଦିନ ସନ୍ଧ୍ୟା ପାଖାପାଖି କାକଟପୁର ମଲାମାଛ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ରେ ଓଡି୦୨ସିଜି୧୭୮୫ ନମ୍ବର ର ଏକ ଏନଆଇଓଏସ ଗ୍ରାଣ୍ଡ ଆଇ ୧୦ ବ୍ଲୁ ରଙ୍ଗର କାର ଦ୍ରୁତ ଗତି କାକଟପୁର ଅଭିମୁଖେ ଆସୁଥିବା ବେଳେ ଭାରସ୍ୟାମ ହରାଇ ଦୁଇ ପାଲଟା ମାରି ରାସ୍ତା କଡ଼କୁ ଓଲଟି ପଡିଯାଇଥିଲା। ସୂଚନା ମୁତାବକ ଉକ୍ତ ପାଞ୍ଚ ଜଣ ଯୁବକ ସମ୍ବଲପୁର ରେଢ଼ାଖୋଲ ନାକଟିଦେଓ ଥାନା ବାଘବରା ଗ୍ରାମର, କିନ୍ତୁ ଜଣେ ଯୁବକ ଆହତ ହୋଇ କାକଟପୁର ଚିକିତ୍ସାଳୟ ରେ ଆଶୁ ଚିକିତ୍ସା ହୋଇଛନ୍ତି ଅନ୍ୟ ଚାରୀ ଯୁବକ ସୁସ୍ଥ ଅଛନ୍ତି। ଏହି ଯୁବକ ମାନେ ପିର ଜାହାନିଆ ରେ ଭୋଜି ଭାତ ସାରି ଫେରୁଥିବା ସମୟ ରେ ଦୁର୍ଘଟଣା ଘଟିଛି। ଘଟଣା ସ୍ଥଳରେ ସ୍ଥାନୀୟ ଯୁବକ ମାନେ ସେମାନଙ୍କୁ ଉଦ୍ଧାର କରିଥିବା ବେଳେ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି ।

## ବଡ଼ପଡ଼ିଆ ମାର୍କେଟର କୂଅରୁ ଷଣ୍ଢ ଉଦ୍ଧାର

ପାରାଦୀପ, (ମହାଭାରତ) : ପାରାଦୀପର ମୁଖ୍ୟ ବଡ଼ପଡ଼ିଆ ବଜାର ଅଞ୍ଚଳରେ ଥିବା ଏକ କୂଅ ଭିତରେ ମଙ୍ଗଳବାର ସନ୍ଧ୍ୟାରେ ଗୋଟିଏ ଷଣ୍ଢ ପଡିଯିବା ପରେ ଦୀର୍ଘ ଘଣ୍ଟା ପରେ ଉଦ୍ଧାର ହୋଇଛି । ଖବରରୁ ପ୍ରକାଶ ଯେ ସଂକ୍ରାନ୍ତି ଯୋଗୁଁ ବଡ଼ପଡ଼ିଆର ସମସ୍ତ ମାର୍କେଟ ବନ୍ଦ ରହିଥିବା ଯୋଗୁଁ ଷଣ୍ଢ ଟି ଉଦ୍ଧାର ହେବାରେ ବିଳମ୍ବ ଘଟିଥିଲା । ତେବେ ଖବର ପାଇ ବଣିକ ସଂଘର ସାଧାରଣ ସମ୍ପାଦକ ଗୋଲେଖ ସାହୁ, ସଦସ୍ୟ ପ୍ରକାଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇ ପାରାଦୀପ ବନ୍ଦର ସିଆଇଏସଏଫ ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ ଓ ଗ୍ରୀନ ପାରାଦୀପ ଟ୍ରଷ୍ଟ ର ଅଧ୍ୟକ୍ଷ ରାକେଶ ପଟ୍ଟନାୟକ ଓ ସେମାନଙ୍କ ସଦସ୍ୟା ମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଛୋଟ କୂଅ ହେତୁ ଷଣ୍ଢଟି କୁ ଉଦ୍ଧାର କରିବାରେ କଷ୍ଟ ହେବାରୁ ମେସିନ ସାହାଯ୍ୟରେ କୂଅର ଉପର ଭାଗ ମେସିନ ଦ୍ୱାରା ଭଙ୍ଗାଯାଇ ଦୌଡ଼ି ସାହାଯ୍ୟରେ ଶେଷରେ ଷଣ୍ଢକୁ ଉଦ୍ଧାର କରାଯାଇଥିଲା । ତେବେ ଏହି ମହତ କାର୍ଯ୍ୟରେ ସହଯୋଗ ପାଇଁ ସିଆଇଏସଏଫ ଅଗ୍ନିଶମ ଓ ଓଡ୍ରାଫ କର୍ମଚାରୀଙ୍କ ସମେତ ସମାଜସେବୀ ରାକେଶ ପଟ୍ଟନାୟକଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି । ତେବେ ଦୁର୍ଘଟଣା ପ୍ରତିହତ ପାଇଁ ଏହି କୂଅକୁ ପୋତାଯାଇ ସେଠାରେ ଏକ ନଳକୂପ ଲଗାଯିବାକୁ ସାଧାରଣରେ ଦାବୀ ହେଉଛି ।

## ଆସିକା କଂଗ୍ରେସର ବିଜୟୀ ଶୋଭାଯାତ୍ରା

ଆସିକା, (ମହାଭାରତ):ନେସନାଲ ହେରାଲର୍ଡ ମାମଲାରେ କଂଗ୍ରେସର ବିଜୟ ଯୋଗୁଁ ଆଜି କଂଗ୍ରେସ କେନ୍ଦ୍ର କମିଟି ନିର୍ଦ୍ଦେଶ କ୍ରମେ ଆଜି ଆସିକା ସାଂସଦୀୟ କ୍ଷେତ୍ର ପକ୍ଷରୁ ବିଜୟ ଉତ୍ସବ ପାଳିଲା ଆସିକା କଂଗ୍ରେସ। ଅର୍ଥ ହେରଫେରକୁ ନେଇ ହୋଇଥିବା ମାମଲାରେ ବିଜେପି ସରକାର ସାଧାରଣ ଜନତାଙ୍କୁ ଭୁଆଁ ବୁଲେଇବା ସହିତ ଏକ ମିଥ୍ୟା ମଲାଲା କରି ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଫସେଇବା ପାଇଁ ଯୋଜନା କରିଥିଲା ବୋଲି ଆଜିର ପଥପ୍ରାନ୍ତ ସଭାରେ କହିଛନ୍ତି ଆସିକା କଂଗ୍ରେସ ସାଂସଦ ପାର୍ଥି ଦେବକାନ୍ତ ଶର୍ମା। ଶେଷରେ ସତ୍ୟର ଜୟ ହେଲା କଂଗ୍ରେସର ବିଜୟ ହେଲା ବୋଲି କହିଥିଲେ ଖଲ୍ଲିକୋଟ କଂଗ୍ରେସ ବିଧାୟକ ପାର୍ଥି ତଥା ଗଞ୍ଜାମ ପଶ୍ଚିମ ଏସ ସି ସେଲ ସଭାପତି ଚେତ୍ରସେନ ବେହେରା।ଏ ସରକାର ମିଛୁଆ ସରକାର। ବିଭିନ୍ନ ପ୍ରଲୋଭନ ଦେଖାଇ ସରକାରକୁ ଆସି ଅନ୍ୟ ଉପରେ ଆରୋପ ଲଗାଇବା ଭଳି ଲଜ୍ଜା ଜନକ ଘଟଣା ଘଟାଇବାରେ ମାହିରି ବୋଲି କହିଛନ୍ତି ସାନଖେମୁଣ୍ଡି ବ୍ଲକ କଂଗ୍ରେସ ସଭାପତି ବାବୁଲା ଦୋରା।ବାରମ୍ବାର ଆମ ନେତା ଉପରେ ଏଡି ର ପ୍ରୟୋଗ କରାଯାଉଛି କିନ୍ତୁ କୌଣସି ମାମଲାରେ ବି ଭୁଲ ପ୍ରମାଣିତ କରିପାରୁନାହିଁ ବିଜେପି ସରକାର ବୋଲି କହିଛନ୍ତି ସୋରଡ଼ା ବିଧାୟକ ପାର୍ଥି ହରେକୃଷ୍ଣ ରଥ। ଉକ୍ତ ମକଦମା ସମ୍ପୂର୍ଣ୍ଣ ଭିତ୍ତି ବିହୀନ ଥିଲା ସେଥିପାଇଁ ସୁପ୍ରିମକୋର୍ଟ ଏହାକୁ ମିଥ୍ୟା ମାମଲା କହି କେଶ ଟିକୁ ଖାରଜ କରିଥିବା ନେଇ ମତ ପ୍ରକାଶ କରିଥିଲେ ଭଞ୍ଜନଗର ଯୁବ ନେତା କୁଲୁ ବାବୁ।।

# ଭତ୍ତାରୁ ବଞ୍ଚିତ ଶଯ୍ୟାଶାୟୀ ବୃଦ୍ଧ, ଅଭିଯୋଗ କଲେ ପରିବାର ଲୋକ



ଅସ୍ତରଙ୍ଗ, (ମହାଭାରତ) : ପ୍ରତ୍ୟେକ ବାର୍ଦ୍ଧକ୍ୟ ବୃଦ୍ଧ ବୃଦ୍ଧାଙ୍କୁ ସହାୟତା ଯୋଗାଇ ଦେବାପାଇଁ ସରକାରଙ୍କ ମଧୁବାବୁ ପେନସନ ଯୋଜନା। ମାତ୍ର ଅସ୍ତରଙ୍ଗ ଅଞ୍ଚଳରେ ଏହି ଭତ୍ତାକୁ ନେଇ ଅନେକ ଥର କିଛି ନା କିଛି ଅଭିଯୋଗ ସାମ୍ନାକୁ ଆସୁଛି। ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ରହୁଛନ୍ତି, ଗୋଟେ ତାଯୁକ କଲା ଭଳି ଦୃଶ୍ୟ ଆସିଛି ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ଗ୍ରାମ ରୁ ଜଣେ ୯୦ ବର୍ଷ ର ଶଯ୍ୟାଶାୟୀ ବୃଦ୍ଧ ନେତ୍ରାନନ୍ଦ ଜେନା ଏବେ ୨୦୨୩ ମସିହା ରୁ ମଧୁବାବୁ ପେନସନ ଯୋଜନା ପାଇବାରୁ ବଞ୍ଚିତ ଅଛନ୍ତି, ଏହାସହ ୬ ମାସ ର ନୂତନ ବର୍ଦ୍ଧିତ ଭତ୍ତା ମଧ୍ୟ ପାଇନାହାନ୍ତି, ୨୦୨୩ ଜୁଲାଇ ପୂର୍ବରୁ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସଞ୍ଚୟ ଖାତାକୁ ନିୟମିତ ଭାବେ ନେତ୍ରାନନ୍ଦଙ୍କ ଭତ୍ତା ଆସୁଥିବା ବେଳେ ହଟାତ ଉକ୍ତ ମସିହା ଜୁଲାଇ ଠୁ ଭତ୍ତା ବନ୍ଦ ହୋଇଯାଇଛି। ନେତ୍ରାନନ୍ଦଙ୍କ ନାତୁଣୀ ବୋହୁ ପରୀ ଜେନା ଏହି ବାବଦରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ଆଣିଥିଲେ ଆଉ ବିଡ଼ିଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ରେ ବ୍ଲକ ସୋସାଇଟି ସିକୁରିଟି ଅଧିକାରୀ ରୋଜାଲିନି ବେହେରା ଅବଗତ କରାଇଛନ୍ତି ଯେ ସରକାରଙ୍କ ନୂତନ ଗାଇଡ଼ଲାଇନ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ନିଜ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ନେବେ ମାତ୍ର ଉକ୍ତ ବୃଦ୍ଧ ତାଙ୍କ ଘରେ ନରହି ଅନ୍ୟତ୍ର ରହୁଥିବାରୁ କାର୍ଯ୍ୟାଳୟ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ତେଣୁକରି ତାଙ୍କ ବାର୍ଦ୍ଧକ୍ୟ ଭତ୍ତା ରୁ ସେ ବଞ୍ଚିତ ଅଛନ୍ତି ଏବେ ପୁନଃ ନିବେଦନ କଲେ ପଦକ୍ଷେପ ଗ୍ରହଣ କରାଯିବ ମାତ୍ର ଏହାକୁ ନେତ୍ରାନନ୍ଦଙ୍କ ପରିବାର ଲୋକ ଖଣ୍ଡନ କରିଛନ୍ତି ଯେ ନେତ୍ରାନନ୍ଦଙ୍କ ବୟସ ୯୦ ପାଖାପାଖି। ସେ ଶଯ୍ୟାଶାୟୀ, ତାଙ୍କ ସେବା ପାଇଁ ଦୈନିକ ଦୁଇ ଜଣ ଲୋକ ଙ୍କ ଆବଶ୍ୟକ। ନିଜ ଗୋଡ଼ ରେ ଠିଆ ହେବାକୁ ସେ ସମ୍ପୂର୍ଣ୍ଣ ଅକ୍ଷମ କିପରି ସେ ଘର ଛାଡି ବାହାରେ ରହିବ ? ସେ ଅନେକ ଥର ଅସୁସ୍ଥ କାରଣ ରୁ ଚିକିତ୍ସାଳୟ ଯାନ୍ତି ଆଉ ଚିକିତ୍ସା ହୋଇ ଫେରନ୍ତୁ। ବର୍ତ୍ତମାନ ଗ୍ରାମବାସୀ କହିଛନ୍ତି ଏହି ଘଟଣାରେ କିଛି ପ୍ରଶାସନ ତରଫରୁ ତ୍ରୁଟି ପରିଲିକ୍ଷିତ ହୋଇଛି ଏବେ ସେମାନେ ଏହାକୁ ନିଜ ଆଡୁ ସମାଧାନ କରି ଏହିଭଳି ଶଯ୍ୟାଶାୟୀ ବୃଦ୍ଧଙ୍କୁ ତାଙ୍କ ବକେୟା ଭତ୍ତା ପ୍ରଦାନ କରନ୍ତୁ, ନଚେତ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିବେ ।

## ଭିଜିଲାନ୍ସ ଜାଲରେ ଦଶମନ୍ତପୁର ଥାନା ଆଇଆଇସି

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନାର ଆଇଆଇସି ସୁକୁମା ହାଂସଦା ଆଜି ଭିଜିଲାନ୍ସ ଜାଲରେ ଫସିଛନ୍ତି। ଏକ ମାମଲାରେ ସହଜତା କରିଦେବା ନାମରେ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଜୟପୁର ଓ କୋରାପୁଟ ଭିଜିଲାନ୍ସ ଟିମ ତାଙ୍କୁ ରଙ୍ଗେହାତ ଧରିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଶମନ୍ତପୁର ଥାନାର କେସ୍ ନଂ– ୧୪୫/୨୫ ସହ ସଂପୃକ୍ତ ଜଣେ ଅଭିଯୋଗକାରୀଙ୍କୁ ସହଯୋଗ କରିବା ପାଇଁ ଆଇଆଇସି ୨୦ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ ଦେବାକୁ ଅସମ୍ମତି ପ୍ରକାଶ କରି ଅଭିଯୋଗକାରୀ ଭିଜିଲାନ୍ସ ବିଭାଗରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଇ ଆଜି ଲାଞ୍ଚ ଟଙ୍କା ନେବା ସମୟରେ ଆଇଆଇସିଙ୍କୁ ଧରାଯାଇଥିଲା। ତାଙ୍କ ହାତରୁ ୨୦ ହଜାର ଟଙ୍କା ଲାଞ୍ଚ ରାଶି ଜବତ କରାଯାଇଛି।

## ଡିଏସ୍ଏସ୍ଓ କାର୍ଯ୍ୟାଳୟରେ କେଳେଙ୍କାରୀ କର୍ମଚାରୀଙ୍କ ପିତାଙ୍କ ନାମରେ ବାର୍ଦ୍ଧକ୍ୟଭତ୍ତା




ନୟାଗଡ଼, (ମହାଭାରତ) : ଭତ୍ତା ବଣ୍ଟନ ଦୁର୍ନୀତିରେ ଦିନକୁ ଦିନ ଛନ୍ଦି ହେଉଛି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ। ମୃତକଙ୍କ ନାମରେ ଓ ବୟସ ଜାଲିଆତି କରି ଅଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ନେଇ ଅନେକ ଅଭିଯୋଗ ହୋଇଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ବିସ୍ତୃତ ଭାବେ ଖବର ମଧ୍ୟ ପ୍ରକାଶ ପାଇଛି। ସମ୍ପ୍ରତି ଏହି ଦୁର୍ନୀତିରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ଏହି ବିଭାଗ ଅଧୀନରେ କାର୍ଯ୍ୟରତ ୨ଜଣ କର୍ମଚାରୀ ଜାଲିଆତି କରି ସେମାନଙ୍କ ବାପାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ତାଲିକାରେ ସାମିଲ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟାଳୟରେ ଜଣେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଛନ୍ତି ରାମକୃଷ୍ଣ ସୁବୁଦ୍ଧି। ରାମକୃଷ୍ଣଙ୍କ ଘର ରଣପୁର ଏନ୍ଏସି ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ବାପା ଯୁଗଳ କିଶୋର ସୁବୁଦ୍ଧି ୨୦୨୨ ମସିହାରୁ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଜଣାପଡ଼ିଛି। ସେହିପରି ଆଉ ଜଣେ ହେଲେ ପୀୟୂଷ କୁମାର ସାହୁ। ବିଭାଗୀୟ କର୍ମଚାରୀ ପୀୟୂଷ ସମ୍ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଦାନ କରାଯାଉଥିବା ଭିନ୍ନକ୍ଷମ ପ୍ରମାଣପତ୍ର ଦାୟିତ୍ୱରେ ଅଛନ୍ତି। ପୀୟୂଷଙ୍କ ଘର ରଣପୁର ବ୍ଲକ ଗୋପାଳପୁର। ତାଙ୍କ ବାପା ସନ୍ତୋଷ କୁମାର ସାହୁ ଗତବର୍ଷ ଠାରୁ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ବିଭାଗ ଅଧୀନରେ କେବଳ ଏହି ଦୁଇ ଜଣ କାହିଁକି, ଭଲ ଭାବେ ଯାଞ୍ଚ କଲେ ଅନ୍ୟ ମାନଙ୍କ ତାଲିକା ମଧ୍ୟ ବାହାରିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରଣପୁର ବ୍ଲକ୍‌ରେ ଭତ୍ତା ଦୁର୍ନୀତିକୁ ନେଇ ସାରା ଜିଲ୍ଲା ବ୍ୟାପୀ ଚର୍ଚ୍ଚା ଚାଲିଥିବା ବେଳେ ଏହି ଦୁଇଟି ଘଟଣା ଏହାର ଏକ ସ୍ପଷ୍ଟ ପ୍ରମାଣ ବୋଲି ଜଣାପଡୁଛି। ଯେଉଁ ମାନେ ପ୍ରକୃତ ଯୋଗ୍ୟ ବୋଲି ଭତ୍ତା ପାଇଁ ଆବେଦନ କରୁଛନ୍ତି, ସେମାନଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି। ମାତ୍ର ଏପଟେ ସରକାରୀ କର୍ମଚାରୀଙ୍କ ସମ୍ପର୍କୀୟ ମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି। ଏ ନେଇ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ କହିଛନ୍ତି, ଏନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ କିମ୍ବା ତାଙ୍କୁ କେହି ଅଭିଯୋଗ କରି ନାହାନ୍ତି। ନିଶ୍ଚିତ ଭାବେ ଏହି ଘଟଣାର ତଦନ୍ତ କରାଯିବ, ଦୋଷୀ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କଂଗ୍ରେସ ପକ୍ଷରୁ ନାସନ୍ୟାଲ ହେରାଲଡ ମାମଲାରେ ଧାରଣା



କେନ୍ଦୁଝର, (ମହାଭାରତ) : ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଗତ ଦଶ ବର୍ଷ ଧରି ବିଭିନ୍ନ ଉପାୟରେ ବିଜେପି ସରକାର ହଇରାଣ ଓ ହରକତ କରୁଥିବା ବେଳେ ନେସନ୍ୟାଲ୬ ହେରାଲଡ଼ ମାମଲାରେ ଦିଲ୍ଲୀ ହାଇକୋର୍ଟ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧିଙ୍କୁ ବିଚାର କରି ନିର୍ଦ୍ଦେଶ କରିଛନ୍ତି । ଯାହାକି ସାରା ଦେଶରେ କଂଗ୍ରେସ କର୍ମୀ ମାନଙ୍କ ମଧ୍ୟରେ ଉତ୍ସାହ ଉଦିପନା ସୃଷ୍ଟି ହୋଇଛି । ଦେଶରେ ବିଜୟ ଉତ୍ସବ ପାଳନ କରିବା ବଦଳରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଷମା ପ୍ରାର୍ଥନା ମାଗିବାକୁ କଂଗ୍ରେସ କର୍ମୀ ଦାବୀ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗ ଦେଇଥିଲେ ଏବଂ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଘସିପୁରା ପୂର୍ବତନ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, କଂଗ୍ରେସ ନେତା ଲଳିତ ମୋହନ ନାୟକ, ଗୋବିନ୍ଦ ମହାନ୍ତ, ଆର୍ତ୍ତତ୍ରାଣ ଦାସ, ରଘୁନାଥ ପାତ୍ର, କ୍ଷତିଶ ପାତ୍ର, ସୁଢଳ ସେଠି, ଦିନେଶ ରାଉତ, ନିର୍ମଳ ନାଏକ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସବିତା ସାହୁ, ସୋନାଲି ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ବେଥାନୀ କନଭେଣ୍ଟ ସ୍କୁଲର ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଇମ୍ପେଟସ୍ ଉଦଘାଟିତ




ପାରାଦୀପ, (ମହାଭାରତ) : ପାରାଦୀପର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବେଥାନି କନ୍‌ଭେଣ୍ଟ ସ୍କୁଲର ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଇମ୍ପେଟସ୍ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନି ଉତ୍ସବରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ବିଦ୍ୟାଳୟର ଏଭଳି କାର୍ଯ୍ୟକ୍ରମ ଦ୍ୱାରା କ୍ରୀଡା କ୍ଷେତ୍ରରେ ଅନେକ ଲୁକ୍କାୟିତ କ୍ରୀଡା ପ୍ରତିଭା ଆଗାମି ଦିନରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଅଂଶଗ୍ରହଣ କରି ପାରାଦ୍ୱୀପ ପାଇଁ ସୁନାମ ଆଣିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ ଏବଂ ପ୍ରାୟ ଆଠଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ସୁନିଲ ଲାକ୍ରା ଓ ମ୍ୟାନେଜର ଫାଦର ନିହାର ରଞ୍ଜନ ପରିଛାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି। ଆସନ୍ତାକାଲି ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନି ଉତ୍ସବ ଅନୁଷ୍ଠିତ ହେବ। ଏହି କ୍ରୀଡା ପ୍ରତିଯୋଗିତା କୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସତ୍ୟବ୍ରତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ପଞ୍ଚମ ସନ୍ଧ୍ୟାରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ମହୋତ୍ସବ ଧୁମୁସା-୨୦୨୫

ଉଦଳା, (ମହାଭାରତ ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ସ୍ତରୀୟ ମହୋତ୍ସବ ଧୁମୁସା ୨୦୨୫ ଉଦଳା ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ମହୋତ୍ସବ ପଡ଼ିଆରେ ଚାଲିଥିବା ପଞ୍ଚମ ସନ୍ଧ୍ୟାର ଦାୟିତ୍ୱ ବହନ କରିଥିଲେ ଉଦଳା ପଞ୍ଚାୟତ ସମିତି । ପଞ୍ଚମ ସନ୍ଧ୍ୟାର ବରେଣ୍ୟ ଅତିଥି ବୃନ୍ଦ ଉଦଳା ବିଧାୟକ ଭାସ୍କର ମଢେଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧୁକାରୀ, ଜିଲ୍ଲା ପରିଷଦ, ମୟୂରଭଞ୍ଜ ଧର୍ମାନନ୍ଦ ବେହେରା,କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ,ଉଦଳା ବ୍ଲକ ଉପାଧ୍ୟକ୍ଷ, ଶ୍ରୀଯୁକ୍ତ ରଜନୀକାନ୍ତ ଦାସ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା, ଜୋନ୍ - ୧ ସୁଶାନ୍ତି ସିଂ, ଜିଲ୍ଲା ପରିଷଦ ସଦସ୍ୟା, ଜୋନ୍ - ୨, ଲଳିତା ବିଶୋଇ, ଆରଡିଏସ୍ ଡିଗ୍ରୀ କଲେଜ, କୁଣ୍ଡାବାଇ ଅଧ୍ୟକ୍ଷ , ଡ. ପ୍ରଦୀପ କୁମାର ଗିରି, ଯୋଗଦାନ କରି ସାଧାରଣ ସଭା ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଚଳିତ ଡିସେମ୍ବର ୧୪ ରୁ ୨୧ ତାରିଖ ପର୍ଯ୍ୟନ୍ତ ଉକ୍ତ ମହୋତ୍ସବ ଅନୁଷ୍ଠିତ ହେବ ।ମୁଖ୍ୟ ଆକର୍ଷଣରେ ଥିଲା ଆର.ଏ. ଏଣ୍ଟରଟେନମେଣ୍ଟ, କଲିକତାଙ୍କ ଦ୍ୱାରା କାର୍ଯ୍ୟ ପରିବେଷଣ ଏବଂ ବିଶେଷ ଆକର୍ଷଣରେ ଥିଲା ମିଷ୍ଟର ଉଦଳା ବଡି ବିଲଡ଼ ଚମ୍ପିୟାନସିପ୍ । ଆର.ଡି.ଏସ ମହାବିଦ୍ୟାଳୟ,କୁଣ୍ଡବାଇ ଏବଂ ଅନ୍ୟ କଳାକାର ମାନଙ୍କ ଦ୍ୱାରା ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା ନିଆରା ।

## ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ବେଆଇନ୍ ପାର୍କ ନିର୍ମାଣକୁ ବିରୋଧ



କେନ୍ଦୁଝର, (ମହାଭାରତ): ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ବେଆଇନ୍ ପାର୍କ ନିର୍ମାଣକୁ ବିରୋଧ କରି କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ପୋଇପାଣି ଗ୍ରାମବାସୀ ଗୁରୁବାର ବନଖଣ୍ଡ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।ଏ ନେଇ ପୂର୍ବରୁ ଦରବାର ହଲ ରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ ରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସୂଚନାଅନୁସାରେ, ଗ୍ରାମରେ ୩୨ ଟି ପରିବାର ବସବାସ କରୁଛନ୍ତି। ସମସ୍ତେ ଆଦିବାସୀ ସମ୍ପ୍ରଦାୟ। ତେବେ ଉକ୍ତ ମୌଜାରେ ଜଙ୍ଗଲ କିସମ ଜମି ପ୍ରାୟ ୭/୮ ଏକର ରହିଛି ।ଏଥିରେ ଗ୍ରାମବାସୀ ଗାଈ,ବଳଦ,ଛେଳି,ମେଣ୍ଢା ଆଦି ଗୃହପାଳିତ ପଶୁ ମାନଙ୍କର ପାଇଁ ଚାରଣ ଭୂମି ଆକାରରେ ବ୍ୟବହାର କରୁଥିବା ଜଣାପଡିଛି ।ଏହାଛଡା କିଛି ଜାଗାରେ ଗ୍ରାମବାସୀ ମାନଙ୍କର ପିଲାମାନେ ଖେଳ ପଡିଆ ଭାବେ ବ୍ୟବହାର କରୁଛନ୍ତି ।ମାତ୍ର କୌଣସି ପଲ୍ଲୀସଭା ନ ହୋଇ ବେଆଇନ୍ ଭାବେ କିଛି ବ୍ୟକ୍ତି,ବିନା ସୂଚନା ଫଳକରେ ପାର୍କ ନିର୍ମାଣ କରୁଥିବା ଘଟଣାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ପ୍ରକାଶ ଯେ, ଜଙ୍ଗଲ କିସମ ଜମିରେ କୌଣସି ବେଆଇନ୍ ନିର୍ମାଣ କରିବା ଦଣ୍ଡନୀୟ ଅପରାଧ ।ତୁରନ୍ତ ତଦନ୍ତ କରି ଉକ୍ତ ବେଆଇନ୍ କାର୍ଯ୍ୟ ବନ୍ଦ କରିବା ପାଇଁ ଦୁର୍ଯ୍ୟୋଧନ ସୋରେନ, ଅଜିତ୍ ମୁର୍ମୁ,ସୁକାନ୍ତ ସୋରେନ, ସଦର୍ଶନ ନାଏକ, ବିଦ୍ୟାଧର ସୋରେନ ପ୍ରମୁଖ କେନ୍ଦୁଝର ବନଖଣ୍ଡ ଅଧିକାରୀ ଙ୍କୁ ଦାବିପତ୍ର ଦେଇଛନ୍ତି। ଏହା ସହ ଦାବି ପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ ସମେତ କେନ୍ଦୁଝର ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଥିବା ନେଇ ସୂଚନା ଦେଇଛନ୍ତି।

## ପ୍ରେମ ବିବାହର କରୁଣ ପରିଣତି

ଅନୁଗୋଳ, (ମହାଭାରତ): ଅନୁଗୁଳ ସଦର ଥାନା ଅନ୍ତର୍ଗତ ଖଲାରୀ ଜାମୁବନ୍ଧ ଛକ ନିକଟରେ ରହୁଥିବା ଏକ ଭଡା ଘରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ସଦର ପୁଲିସ ଓ ମୃତ ମହିଳା ଜଣଙ୍କ ହେଲେ ରାସୋଳ ଥାନା କଲୋନୀ ସାହିର କୁନି ନାୟକ ବୋଲି ଜଣା ପଡିଛି। ସୂଚନା ମୁତାବକ ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା କଲୋନୀ ସାହି ର କାହ୍ନୁ ନାୟକ ବିଗତ ୮ ମାସ ପୂର୍ବେ ଅନୁଗୋଳ ଜିଲ୍ଲା ସଦର ଥାନା ଅଙ୍ଗାରବନ୍ଧ ଗ୍ରାମର ନରେଶ ସାହୁ ଙ୍କ ଝିଅ ସହ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ଠିକ୍ ଠାକ୍ ଚାଲିବା ପରେ ପରବର୍ତ୍ତୀ ସମୟରେ ଶାଶୁ ବୋହୁ ମଧ୍ୟରେ କଳି କଜିଆ ଲାଗୀ ରହୁଥିଲା । କାହ୍ନୁ ଅନୁଗୋଳ କଲେଜ ନିକଟରେ ଫଳ ବେପାର କରି ପରିବାର ପ୍ରତିପୋଷଣ କରନ୍ତି। କାହ୍ନୁ ବୁଧୁବାର ରାତି ୧୦ ଘଟିକା ବେଳେ ମା କୁନିଙ୍କୁ ଖାଇବା ପାଇଁ ଡାକି ଯାଇଥିବା ବେଳେ ଘରର କବାଟ ବନ୍ଦ ରହିଥିଲା। କବାଟ ଖୋଲି ଦେଖିଲା ବେଳକୁ ମା ତଳେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଛନ୍ତି ଓ ସଙ୍ଗେ ସଙ୍ଗେ ସଦର ପୁଲିସକୁ କାହ୍ନୁ ଖବର ଦେଇଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

ଦଶପଲ୍ଲା:(ମହାଭାରତ): ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ଏନଏସିର ତ୍ରିନାଥ ବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଶୁକ୍ରବାର ଦିନ ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ଏକ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିର୍ବାଚନ ପ୍ରଣାଳୀରେ ଆଣାଯାଇଥିବା ସଂସ୍କାରଗୁଡ଼ିକ ସମ୍ପର୍କରେ କାର୍ଯ୍ୟକର୍ତ୍ତା ମାନେ କିପରି ସାଧାରଣ ଜନତାଙ୍କୁ ସଚେତନ କରିବେ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଜେପି ନେତା ରାଘବ ମଲ୍ଲିକ, ସାଂସଦ ଙ୍କ ଏନ ଏ ସି ପ୍ରତିନିଧି ଅଞ୍ଜନ ଦାସ ଏବଂ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ଏନ ଏ ସି ମଣ୍ଡଳ ସଭାପତି ମନୋଜ ସାହୁଙ୍କ ସହିତ ସମ୍ପାଦକ ରଞ୍ଜନ କୁମାର ସାହୁ,ପ୍ରଶାନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଝଓଜ ମାଧମରେ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ, ପାରଦର୍ଶୀ ଓ ଲୋକତାନ୍ତ୍ରିକ କରାଯିବ। ଭୋଟର ତାଲିକା ସଂଶୋଧନ, ଭୋଟ ଦାନ ପ୍ରଣାଳୀର ସୁଧାର, ଏବଂ ନକଲି ଭୋଟ ରୋକଥାମ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଶ୍ନୋତ୍ତର ପର୍ବରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ସମ୍ବନ୍ଧୀୟ ବିଭିନ୍ନପ୍ରଶ୍ନ ଉଠାଇଥିଲେ। ବିଶେଷଜ୍ଞ ତଥା ପାର୍ଟିର ବରିଷ୍ଠ ନେତା ରାଘବ ମଲ୍ଲିକ ସେଗୁଡ଼ିକର ସଠିକ୍ ଓ ସହଜ ଭାଷାରେ ଉତ୍ତର ଦେଇ କାର୍ଯ୍ୟକର୍ତ୍ତା ଙ୍କ ସନ୍ଦେହ ଦୂର କରିଥିଲେ। କାର୍ଯ୍ୟକ୍ରମରେ ଦଶପଲ୍ଲା ଏନ ଏ ସି ର କାର୍ଯ୍ୟକର୍ତ୍ତା, ସମାଜସେବୀ ଉପସ୍ଥିତ ଥିଲେ। ଶେଷରେ ଆଗାମୀ ଦିନରେ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆହୁରି ବ୍ୟାପକ ଭାବରେ ଆୟୋଜନ କରାଯିବ ବୋଲି କାର୍ଯ୍ୟକର୍ତ୍ତା ଙ୍କୁ କୁହାଯାଇଥିଲା।

## ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଭଦ୍ରକ, (ମହାଭାରତ): ନ୍ୟାସନାଲ ହେରାଲ୍ଡ ମିଛ କେଶ ମାମଲାକୁ ବିରୋଧ କରି ଆଜି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଘେରାଉ କରିବାକୁ ବିରାଟ ରାଲି ଯୋଗେ ଜାତୀୟ ରାଜପଥ ରେ ଯାଉଥିବା ୨ଶହ ରୁ ଉର୍ଦ୍ଧ ଦଳୀୟ କର୍ମୀ ମାନଙ୍କୁ ପୋଲିସ ଅଧା ବାଟରୁ ବାଧା ଦେଇ ରାଲି କୁ ଅଟକାଇବା ସହ ବହୁ ଦଳୀୟ କର୍ମୀଙ୍କୁ ଉଠେଇ ନେଇଛନ୍ତି। ଜିଲ୍ଲା ସଭାପତି ନଳିନୀ ମହାନ୍ତି ଙ୍କ ନେତୃତ୍ୱରେ ଦଳୀୟ କର୍ମୀ ମାନେ ଆରଡ଼ି ଛକ ସ୍ଥିତ ସର୍କିଟ ହାଉସ ଠାରେ ବିରାଟ ରାଲି ଯୋଗେ ୧୬ନମ୍ବର ଜାତୀୟ ରାଜପଥର ପାର୍ଶ୍ୱ ରାସ୍ତା ରେ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଉଥିବା ବେଳେ ଅଧା ରାସ୍ତାରୁ ପୂର୍ବପ୍ରସ୍ତୁତି ରେ ଥିବା ଜିଲ୍ଲା ପୋଲିସ ପ୍ରଶାସନ ରାଲିକୁ ଅଟକାଇ ବାଧା ଦେବା ସହ କର୍ମୀ ମାନଙ୍କୁ ପୋଲିସ ଫୋର୍ସ ଉଠେଇ ନେଇଛି । ଏହି ବିକ୍ଷୋଭ ପ୍ରଦର୍ଶନରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅବଦୁଲ ମୋକିତ ଖାଁ, ଦେବରୂପ ମହାନ୍ତି, ଜିଲ୍ଲା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା,ପୀତବାସ ଧଳ,ରାଜକିଶୋର ସ୍ୱାଇଁ, ରମେଶ ବେହେରା, ରଜନୀକାନ୍ତ ଚନ୍ଦ, ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା, ଅମିତା ବାଳା ଆଚାର୍ଯ୍ୟ, ସବିତା ଚନ୍ଦ,ହସିନା ଖାତୁନ, ଲାଲୁ ଖାଁ, ଇଲିଆସ ଅଲି ଖାଁ,ପୂର୍ବତନ ଚେୟାରମ୍ୟାନ ଗୋଲକ ଚନ୍ଦ୍ର ବେହେରା, କାଉନସିଲର ଜାହିଦ ସାହା କାଉସିଲର ସେକ ସାହିଲ କାଦ୍ରୀ, ,ଜ୍ୟୋସ୍ନା ରାଣୀ ଜେନା, ସମିତି ସଭ୍ୟ ଗୟା ଧର ସେଠି,ହାଡିବନ୍ଧୁ ବିଶ୍ୱାଳ, ଅଜୟ ସାହୁ,ବିଦ୍ୟାଧର ଜେନା,ପଦ୍ମ୍ୟୁନ ଦାସ, ବିଜୟ ଦାସ, ରଞ୍ଜନ ଜେନା, ଶଶିକାନ୍ତ ଜେନା,ଖଗେଶ୍ୱର ଜେନା,ପ୍ରମୁଖ ନେତା ସାମିଲ ହୋଇ ଭୋଟ ଚୋର ଗାଦି ଛାଡ଼,, ମୋଦି ସରକାର ଡାଉନ ଡାଉନ, ଜାତୀୟ କଂଗ୍ରେସ ଜିନ୍ଦାବାଦ,ରାହୁଲ ଗାନ୍ଧୀ, ଖଡ଼ଗେ ଜି ଜିନ୍ଦାବାଦ ଜିନ୍ଦାବାଦ ନାରା ଦେଇଥିଲେ । ପରେ ଘଟଣା ସ୍ଥଳରୁ ଜିଲ୍ଲା ସଭାପତି ନଳିନୀ ମହାନ୍ତି ଙ୍କ ସମେତ ବହୁ ବରିଷ୍ଠ ନେତାଙ୍କ ସମେତ ୩୦ରୁ ଉର୍ଦ୍ଧ ଦଳୀୟ କର୍ମୀଙ୍କୁ ଗିରଫ କରି ନଳାଙ୍ଗ ସ୍ଥିତ ଗ୍ରାମା□ଳ ଥାନାକୁ ନେଇ ଅଟକ ରଖିବା ପରେ ଛାଡି ଦେଇଛନ୍ତି।

## ଦଖଣ୍ଡ ଉଚ୍ଚ ମାଧମିକ ବିଦ୍ୟାଳୟରେ ଲିଟ୍ ରାଶି କାର୍ଯ୍ୟକ୍ରମ

ବାଲିପାଟଣା -( ମହାଭାରତ) ଓଡ଼ଖଣ୍ଡ ଉଚ୍ଚମଧମିକ ବିଦ୍ୟାଳୟ ରେ, ଖୋର୍ଦ୍ଧା ଜିଲ୍ଲା ଉପଜିଲ୍ଲାପାଳ ଙ୍କ ଆଦେଶନାମା ପତ୍ର ସଂଖ୍ୟା ୬୨୧ତା ୯/୧୨/୨୫ ବିଦ୍ୟାଳୟ ପରିଷରରେ କଳା, ବିଜ୍ଞାନ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର ଛାତ୍ରୀ ମାନଂକୁ ନେଇ ଇଲୋକ୍ଟ୍ରାଲ ଲିଟାରାଶିକାର୍ଯ୍ୟକ୍ରମକୁ ଆଧାର କରି, ମୁଖ୍ୟତଃ, ରଙ୍ଗୋଲି, ଚିତ୍ରାଙ୍କନ,ବକ୍ତୃତା, ଓ କୁଇଜ ଉପରେ ପ୍ରତିଯୋଗିତା ହୋଇଯାଇଛି । ଏହି ପ୍ରତଯୋଗିତାରେ, ରଙ୍ଗୋଲି ରେ,ପ୍ରଥମ ସ୍ଥାନ କଳାର ୨ୟ ବର୍ଷ ଛାତ୍ରୀ ରୁପାଲୀ ବାରିକ, ଦ୍ୱିତୀୟ ସ୍ଥାନ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟ ଶ୍ରୀ ମହାନ୍ତି, ତୃତୀୟ ସ୍ଥାନ ପ୍ରଥମ ବର୍ଷ କଳାର ଚିନୁ ଭୋଇ, ତର୍କ ପ୍ରତିଯୋଗିତାରେ, ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀ ଅର୍ଚିତା ସାହୁ, ଦ୍ୱିତୀୟ ସ୍ଥାନ ଦ୍ୱିତୀୟ ବର୍ଷ କଳାର ଛାତ୍ରୀ ଲୋପାମୁଦ୍ରା ସାହୁ, ତୃତୀୟ ସ୍ଥାନ ଦ୍ୱିତୀୟ ବର୍ଷ କଳାର ଛାତ୍ର ପ୍ରଦ୍ୟୁମ୍ନ ବାରିକ, ଚିତ୍ରାଙ୍କନ ପ୍ରତିଯୋଗିତାରେ, ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ଦେବସ୍ମିତା ସାହୁ ପ୍ରଥମ ସ୍ଥାନ, କଳାର ଦ୍ୱିତୀୟ ବର୍ଷ ଛାତ୍ରୀ ରୁପାଲୀ ବେହେରାଦ୍ୱିତୀୟ ସ୍ଥାନ, ବିଜ୍ଞାନର ସୁଦୀପା ସେନାପତି ତୃତୀୟ ସ୍ଥାନ, ସୋମ୍ୟଶ୍ରୀ ମହାନ୍ତି ଦ୍ୱିତୀୟ ବର୍ଷ ବିଜ୍ଞାନ ଦ୍ୱିତୀୟ ସ୍ଥାନ, ପ୍ରଦ୍ୟୁମ୍ନ ବାରିକ ଦ୍ୱିତୀୟ ବର୍ଷ କଳା ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

## ଆଦିବାସୀ ମହାସଂଘ ଓଡ଼ିଶାର ଚତୁର୍ଥ ବାର୍ଷିକ ବୈଠକ

ପାଟଣା:-(ମହାଭାରତ) ପୂର୍ବ ପଶ୍ଚିମ ଉ□ର ଦକ୍ଷିଣ ଓଡ଼ିଶାର ସମସ୍ତ ୩୦ ଟି ଜିଲ୍ଲାକୁ ନେଇ ଭୁବନେଶ୍ୱର ପଟିଆ ରେ ଆଦିବାସୀ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ରେ ଚାରୋଟି ମଣ୍ଡଳ ଗଠିତ ହୋଇଛି ।କେନ୍ଦୁଝର,ମୟୂରଭଞ୍ଜ,ସୁନ୍ଦରଗ,ବାଲେଶ୍ୱର ଜିଲ୍ଲା କୁ ନେଇ ଉତ୍ତର ଓଡିଶା ମଣ୍ଡଳ ଗଠନ କରାଯାଇ ଛି। ଏଥିରେ ଆଦିବାସୀ ମହାସଂଘ ର ସର୍ବସମ୍ମତି କ୍ରମେ ଉତ୍ତର ଓଡ଼ିଶାର ସଭାପତି ଭାବେ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ ଟାଙ୍ଗରପଡା ଗ୍ରାମର ଅନିରୁଦ୍ଧ ନାଏକ ଙ୍କୁ ଓଡିଶା ଆଦିବାସୀ ମହାସଂଘ ପକ୍ଷରୁ ନିଯୁକ୍ତି ଚୟନ କରାଯାଇ ଛି। ଏହି ଚାରୋଟି ଜିଲ୍ଲା ର ଆଦିବାସୀ ମହାସଂଘ ର ସଭାପତି ଭାବେ ଅନିରୁଦ୍ଧ ନାଏକ ଚୟନ କରାଯିବା ପରେ ଆଦିବାସୀ ଭାଇ,ଭଉଣୀ ମାନଙ୍କର ସମସ୍ତ ସୁବିଧା,ସୁଯୋଗ କିପରି ସରକାରଙ୍କ ପାଖରେ ପହଞ୍ଚି ପାରିବ ତାହା ତାଙ୍କର ଗୁରୁ ଦାୟିତ୍ୱ ବୋଲି ସଭା ରେ ଆଲୋଚନା କରିଛନ୍ତି।

## ଆଡବା ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ତାଟିପାଟି ପଞ୍ଚାୟତ ଅନ୍ତର୍ଗତ ଆଡବା ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡିଛି । ଏହି ଗ୍ରାମ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ଠାରୁ ମାତ୍ର ଏକ କିମି ଦୂରତାରେ ରହିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ଏକ କିମି ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଏକ କିମି ଅଣଓସାରିଆ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଭର୍ତ୍ତି ହୋଇଥିବା ବେଳେ ସ୍ଥାନେ ସ୍ଥାନେ ପିଚୁ ଉଠିପଡିଛି । ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ଦବି ହୋଇପଡିଛି । ଫଳରେ ଏହି ରାସ୍ତାରେ ଦୁଇ ଚକିଆ ଯାନ ମଧ୍ୟ ଯିବାଆସିବାରେ ନାନାଦି ସମସ୍ୟା ଉପୁଜୁଛି ବୋଲି ଅଞ୍ଚଳବାସୀ କହିଛନ୍ତି । ସୂଚନା ପ୍ରକାରେ ଏହି ରାସ୍ତା ଗୋଷାଣି ବ୍ଲକର ତିନି ଗୋଟି ପଞ୍ଚାୟତ ଯଥା ଘୋରଣି, ତାଟିପାଟି, ଗୁରାଣ୍ଡିକୁ ସଂଯୋଗ କରୁଥିବାରୁ ପ୍ରମୁଖ ରାସ୍ତା ଅଟେ। ମାତ୍ର ଏକ କିମି ରାସ୍ତା ଅବସ୍ଥା ଶୋଚନୀ ହୋଇପଡିଥିବାରୁ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଫାୟାର ଗାଡି ମଧ୍ୟ ଆସୁନଥିବାର ଗ୍ରାମବାସୀ କହିଛନ୍ତି । ସେହିପରି ଗର୍ଭବତୀ ମହିଳାଙ୍କୁ ନେବାଆଣିବା କରିବା, ସ୍କୁଲ କଲେଜକୁ ଛାତ୍ରଛାତ୍ରୀମାନେ ଯିବାଆସିବା କରିବା ସମୟରେ ବିପଦପୂର୍ଣ୍ଣ ଗ୍ରାମବାସୀ କହିଛନ୍ତି ଯେ ଏପରି ଖାଲଖମା ରାସ୍ତା ଓ ରାସ୍ତା ଅଣ ଓସାରିଆ ଯୋଗୁଁ ଗୋଟିଏ ଗାଡି ଆସିଲେ ଅନ୍ୟ ଗାଡି ଯିବା ପାଇଁ କଷ୍ଟକର ହୋଇପଡୁଛି । ଏପରି ପରିସ୍ଥିତିରେ ଆମ୍ଭେ ମାନେ ଏଠାରେ ପଡି ଆଘାତ ପ୍ରାପ୍ତ ହେଉଛୁ ବୋଲି ଜଣାଇଛନ୍ତି । ଏହି ସମସ୍ୟାକୁ ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟିଆକର୍ଷଣ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବାର ଗ୍ରାମବାସୀ କହିଛନ୍ତି । ଅପରପକ୍ଷେ ଯଦି ଅଳ୍ପ ଦିନରେ ଏହି ରାସ୍ତା କାମ ନକରାଯାଏ ତେବେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ବାଳିକା କଲେଜରେ ହେବ ଶୌଚାଳୟ ନିଜସ୍ୱ ପାଣ୍ଠି ରୁ ଆରମ୍ଭ ହେବ କାର୍ଯ୍ୟ

ହାଟଡିହି ବିଶ୍ୱତାରିଣି ମହିଳା ଉଚ୍ଚ ବିଦ୍ୟାଳୟ ରେ ସୋମବାର ଦିନ ୩୯ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତା ରେ ହାଟଡିହି ବ୍ଲକ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡ଼ା ଯୋଗ ଦେଇଥିବା ବେଳେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ କଲେଜ ଅଧକ୍ଷ ଅଧକ୍ଷା ମାନେ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ କ୍ରୀଡା ର ଭିତ୍ତି ଭୂମି ନଥିବାରୁ ପିଲା ମାନେ ଘାସ ପଡ଼ିଆରେ ଦୌଡ଼ି ବାକୁ ପଡ଼ିବ। ତାହାକୁ ନେଇ କଲେଜ ଅଧକ୍ଷା ଭାବେ ପିଲା ମାନଂକ ର ସମସ୍ୟା ଗୁଡ଼ିକ ବିଧାୟକ ଙ୍କୁ ଦର୍ଶାଇ ଥିବା ବେଳେ ମହିଳା ମହାବିଦ୍ୟାଳୟ ରେ ପିଲା ମାନଙ୍କ ପାଇଁ ଶୌଚାଳୟ ନଥିବା, ପାଚେରୀ ନଥିବା , ଏବଂ ଆନୁଷଙ୍ଗିକ କ୍ରୀଡା ପାଇଁ ପ୍ରକୃଷ୍ଟ ସ୍ଥାନ ଅଭାବ ରୁ କିଛି ଉନ୍ନତି ହୋଇ ପାରୁ ନଥିବା ଅଧିକାରୀ ମାନେ ଚିନ୍ତା କରିଥିଲେ। କଲେଜ ପାଠ ପଢୁଆ ଛାତ୍ରୀ ମାନଙ୍କ ପାଇଁ ଶୌଚାଳୟ ଅଳ୍ପ ଦିନରେ ଆରମ୍ଭ ହେବ ବୋଲି ବିଧାୟକ କ୍ରୀଡା ଉତ୍ସବ ରେ କହିଥିଲେ। ଏହି ଉତ୍ସବରେ କଲେଜ ର ଅଧକ୍ଷା ମାନଙ୍କ ମଧ୍ୟରେ ଅଧକ୍ଷା ସୁଭସ୍ମିତା ପଲିତା କ୍ରୀଡା ଶିକ୍ଷୟତ୍ରୀ ସୁରଭି ଦାସ ,ସଂଯୋଜିକା ଆଳତୀ ଦାସ ଶିବାନୀ ଧଳ ,ସହ ପରିଚାଳନା ଦିପ୍ତିମୟୀ ସେନାପତି,ଯଲିଶ୍ରୀ ପାଇକରାୟ ଲୋପାମୁଦ୍ରା ପ୍ରଧାନ , ଆଳତି ଦାସ ,ଶିବାନୀ ଧଳ, ସୁମିତ୍ରା ବେହେରା, ଲାଇବ୍ରେରୀ ମନ୍ଦରଧର ରାଉତରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ ଉତ୍ସବ

ଗଜପତି(ମହହାଭାରତ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ଠାରେ ଥିବା ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଖେଳପଡିଆ ଠାରେ ଏହି ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ଗଙ୍ଗାଧର କ୍ରୀଡାପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟବକ୍ତା ରୂପେ ସଂସ୍କୃତ ଶିକ୍ଷୟତ୍ରୀ ସୁଜାତା ପ୍ରମାଣିକ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ଶିକ୍ଷୟତ୍ରୀ ବି. ବିଜୟା, ସଞ୍ଜୀବ କାର୍ଯୀ, ଗୋପୀନାଥ ଗୌଡ, ଏସ୍.ଗୀତାଞ୍ଜଳୀ, ବି.ଭେଙ୍କଟରାଓ ଯୋଗଦେଇଥିଲେ । ଆୟୋଜିତ ପ୍ରତିଯୋଗିତାରେ ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବିଭାଗର ୪୯ ଜଣ ଛାତ୍ରୀ ଓ ୧୭୨ ଜଣ ଛାତ୍ର ୧୦୦, ୨୦୦,୪୦୦, ୬୦୦, ୮୦୦ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ସର୍ଟପୁଟ୍, ଡିସ୍କସ ଥ୍ରୋ ଭଳି ଖେଳକୁଦ ସହ ଲେମ୍ବୁ ଚାମଚ, ଛୁଞ୍ଚିସୁତା, ଅଖାଡିଆଁ, କୁମ୍ଭୀର ଦୌଡ, ଧୀର ସାଇକେଲ ଚାଳନା, ମ୍ୟୁଜିକାଲ ଚେୟାର ଭଳି କୌତୁକ ପୂର୍ଣ୍ଣ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଶେଷ ଆକର୍ଷଣରେ ଏହି ବର୍ଷ ମାଁ ମାନଙ୍କ ମଧ୍ୟରେ କ୍ରୀଡା ସଚେତନତା ପାଇଁ ଛାତ୍ରଛାତ୍ରୀଙ୍କ ମାଁ ମାନଙ୍କୁ ନେଇ କିଛି କୌତୁହଳପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ।ଏହି ପ୍ରତିଯୋଗୀତାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବହୁ ପୁରାତନ ଛାତ୍ର ମାନେ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ଧାନ ମଣ୍ଡି ଖୋଲିବା ପୂର୍ବରୁ ମଣ୍ଡି ବୁଲିଲେ ଜିଲ୍ଲାପାଳ

ହାଟଡିହି ବୁଧବାର କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ହାଟଡିହି ବ୍ଲକ ର ବିଭିନ୍ନ ମଣ୍ଡି ବୁଲି ଦେଖିଛନ୍ତି। ଚାଷୀ ଙ୍କ ଧାନ କିଣିବାକୁ ନେଇ ଆଉ ଅଳ୍ପ ଦିନରେ ମଧ୍ୟରେ ଖୋଲିବ ବିଭିନ୍ନ ଧାନ ମଣ୍ଡି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ଙ୍କ ଜିଲ୍ଲା ରେ ଯେପରି ଚାଷୀ ଠିକ୍ ଭାବରେ ଧାନ ମଣ୍ଡି ରେ ବିକ୍ରି କରିପାରିବେ ସେଥି ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ରହିଛି କି ନାହିଁ ତାକୁ ନିଜେ ଜିଲ୍ଲା ର ଜିଲ୍ଲାପାଳ ବିଶାଳ ସିଂ ପହଞ୍ଚି ଦେଖି ଥିଲେ। ଏଥିରେ ଲୋକଙ୍କ ଧାନ କିଣିବାକୁ ଉଚିତ ବ୍ୟବସ୍ଥା ଓ ସୁରକ୍ଷିତ ରଖିବା ସ୍ଥାନ କୁ ଠିକ୍ ଭାବେ ପରିଷ୍କାର ପରିଚ୍ଛିନ୍ନ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ମରେଇଗାଁ, ଓ ସଢା ସମବାୟ ସମିତି କୁ ଯାଇ ଦେଖିଥିଲେ। ଜିଲ୍ଲାପାଳ ଙ୍କ ସହ ସାଙ୍ଗରେ ଥିଲେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ହାଟଡିହି ତହସିଲଦାର ଭୈରବେନ୍ଦ୍ର ତ୍ରିପାଠୀ, ଆନନ୍ଦପୁର ସିଏସୋ, ଏମାଇସି ନିତ୍ୟାନନ୍ଦ ଦେହୁରୀ, କୈଳାଶ ନାୟକ, ଦୁଇ ସମବାୟ ସମିତିର ସଭାପତି ,ସମ୍ପାଦକ ଓ ଅନ୍ୟ କର୍ମଚାରୀ ମାନେ ସହୋଜଗ କରିଥିଲେ।

## ପାରାଦୀପରେ ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀ ବୈଠକ

ପାରାଦୀପ(ମହାଭାରତ): ପାରାଦୀପ ଶିଳ୍ପାଞ୍ଚଳର ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀ ର ବୈଠକ ଗତ ଡିସେମ୍ବର ୧୫ ତାରିଖରେ ପାରାଦୀପ ସର୍କିଟହାଉସ ଠାରେ ଅନୁଷ୍ଠିତ ହୋଇଯାଇଅଛି । ୨୦୧୮ ମସିହା ପରେ ଏହି ସଭା ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ଅଧକ୍ଷତାରେ ଆୟୋଜିତଏହି ସଭାରେ ସ୍ଥାନୀୟ ଅପାତକାଳୀନ ଗୋଷ୍ଠୀର ସଦସ୍ୟ ସଚିବ ଓ ସହ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର, ଚନ୍ଦ୍ର ଶେଖର ବେହେରା, ମନୋଜ କୁମାର ପଣ୍ଡା, ଉପ-ନିର୍ଦ୍ଦେଶକ, କାରଖାନା, କଟକ ଡିଭିଜନ, ଅଭିଷେକ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ପୌରପାଳିକା, ବିଜୁ ମେମୋରିଆଲ୍ ହସ୍ପିଟାଲର ଡାକ୍ତର, କୁଜଙ୍ଗ ଅଗ୍ନିଶମ ବିଭାଗର ଅଧିକାରୀ, ୯ଟି ଏମଏଏଚ କାରଖାନାର ପ୍ରତିନିଧିମାନେ ଏବଂ ୦୭ଟି ୨ସିବି କାରଖାନାର ପ୍ରତିନିଧିମାନଙ୍କ ସହ ଅନ୍ୟାନ୍ୟ ସ୍ଥଓନୀୟ ଅପାତକାଳୀନ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।ଏହି ସଭାର ଉଦ୍ଦେଶ୍ୟକୁ ପାୱାର ପଏଣ୍ଟ ପ୍ରେଜେନ୍ଟେସନ୍ ମାଧମରେ ଉପସ୍ଥାପନ କରାଯାଇ, ଜିଲ୍ଲା ସ୍ତରର ଆପତ୍କାଳୀନ ପ୍ରସ୍ତୁତିକୁ ମଜବୁତ କରିବା, ରସାୟନିକ ଶିଳ୍ପ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ଏବଂ ସମସ୍ତ ସଂପୃକ୍ତ ପକ୍ଷମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲ। ସଭାର ଆରମ୍ଭରେ ସହ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ ପାରାଦୀପ ଜୋନ୍-ଏବଂ -ସଦସ୍ୟ ସଚିବ, ସ୍ୱାଗତ ଅଭିଭାଷଣ ଦେଇଥିଲେ ଓ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଓ ସ୍ଥାନୀୟ ଅପାତକାଳୀନ ଅଧକ୍ଷଙ୍କ ପ୍ରାରମ୍ଭିକ ଅଭିଭାଷଣ ସହ କଟକ ଡିଭିଜନର ଉପ-ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ ଙ୍କ ଦ୍ୱାରା ମୁଖ୍ୟ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ସହ ନିର୍ଦ୍ଦେଶକ, କାରଖାନା ଏବଂ ବଏଲର୍, ପାରାଦୀପ ଜୋନ୍ ତଥା ସଦସ୍ୟ ସଚିବ,ଅପାତକାଳୀନ ଙ୍କ ଦ୍ୱାରା ସ୍ଥାନୀୟ ସଂକଟ ଗୋଷ୍ଠୀର ଉଦ୍ଦେଶ୍ୟ ଓ ଭୂମିକା ବିଷୟରେ ଏକ ପ୍ରସ୍ତୁତିକରଣ କରାଯାଇଥିଲା।

## ଧୁମ୍ପା ମହୋତ୍ସବ କଳା ସଂସ୍କୃତିକୁ ପ୍ରତିପାଦିତ କରେ



ଉଦଳା ( ମହାଭାରତ) :ଧୁମ୍ପା ବାଜିଲେ ଆପେ ଆପେ ନାଚି ଉଠେ ପାଦ, ସମସ୍ତେ ଭୁଲି ଯାନ୍ତି ଭେଦଭାବ। କାହିଁକି ନା ଧୁମ୍ପା ର ନାଦ ଅଟକାଇ ପାରେ ନାହିଁ କାହାର ଉଦ୍ଭାସିତ ମନକୁୟ ଧୁମ୍ପା ମହୋତ୍ସବ ମୟୁରଭଞ୍ଜ ର କଳା ସଂସ୍କୃତି କୁ ପ୍ରତିପାଦିତ କରେ, କେବଳ କପ୍ତିପଦା ଉପଖଣ୍ଡ ନୁହେଁ ସାରା ରାଜ୍ୟରେ ଉଦଳା ମହୋତ୍ସବ ର ରହିଛି ସ୍ୱତନ୍ତ୍ର ସ୍ଥାନୟ ଉଦଳା ମହୋତ୍ସବ ଧୁମ୍ପା -୨୦୨୫ ର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ ବଖାଣିଥିଲେ ନିଜ ମନର କଥା ବକ୍ତବ୍ୟ ମାଧମରେ। ମହୋତ୍ସବ ର ଚତୁର୍ଥ ସନ୍ଧ୍ୟା ଗୋପବନ୍ଧୁ ନଗର ବ୍ଲକ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ଏହି ଅବସରରେ ସାଂସ୍କୃତିକ ମଞ୍ଚର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଚ୍ଛାୟତ, ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଏନଏସି ନଗରପାଳ ପ୍ରମିଳା ପଣ୍ଡା, ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନ, ଗୋପବନ୍ଧୁନଗର ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ,ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ଲେଙ୍କା, ଗୋପବନ୍ଧୁ ନଗର ବ୍ଲକ ବିଡ଼ିଓ ପୃଥ୍ୱୀରାଜ ପରିଡା ପ୍ରମୁଖ ମଂଚାସୀନ ହୋଇଥିଲେ। ମଂଚାସୀନ ଅତିଥି ମାନେ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ପ୍ରଦାନ କରି ଚତୁର୍ଥ ସନ୍ଧ୍ୟାର ଉଦଘାଟନ କରିଥିଲେ। ଚତୁର୍ଥ ସନ୍ଧ୍ୟାରେ ଧାରାବାହିକ ଅଭିନେତ୍ରୀ ସ୍ମୃତିରେଖା, ପଲ୍ଲବୀଙ୍କ କାର୍ଯ୍ୟକ୍ରମରେ ଝୁମିଥିଲେ ଦର୍ଶକ। ଏହା ସହିତ ହାସ୍ୟ ଅଭିନେତା ନାଲି ଆମ୍ବ ଙ୍କ କମେଡି ତଡକା ସମସ୍ତେ ବେଶ ମନ ଭରି ଉପଭୋଗ କରିଥିଲେ। ଆଉ ଏହି ସନ୍ଧ୍ୟାରେ ବିଶେଷ ଆକର୍ଷଣ ସାଇ ଇଭେ□ ଏବଂ ମେଲୋଡି ତଥା ଓଲିଉଡ଼ ର ଗାୟକ ରାଜେଶ ଦାସ ଓ ଅଞ୍ଜଳି ଦତ୍ତ ଙ୍କ ସଙ୍ଗୀତ ସମସ୍ତଙ୍କୁ ଶୀତୁଆ ସନ୍ଧ୍ୟାରେ ବାନ୍ଧି ରଖିଥିଲା। ଆଉ ଦୀର୍ଘ ସମୟ ଧରି ଶୀତୁଆ ସନ୍ଧ୍ୟାରେ ଶହ ଶହ ଦର୍ଶକଙ୍କ ଭିଡ଼ ଲାଗି ରହିଥିଲା।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ପାଳିତ

ହାଟଡିହି ଜାଭିୟର୍ସ ବିଦ୍ୟାଳୟ ରେ ୧୧ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛ। ଚଣ୍ଡିଆବିରଞ୍ଚିପୁର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ୧୧ ତମ ବାର୍ଷିକ କ୍ରୀଡା ଉତ୍ସବ ପାଳନ କରାଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନନ୍ଦିପଦା ଥାନା ର ଭାର ପ୍ରାପ୍ତ ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି ଯୋଗ ଦେଇ ଥିବା ବେଳେ, ବିଦ୍ୟାଳୟ ର ପ୍ରତିଷ୍ଠାତା ଉଦୟ ନାଥ କର ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ମହେନ୍ଦ୍ର କୁମାର ପାଲତା,ସମ୍ପାଦକ ଗୋପବନ୍ଧୁ ସୁଆର ଙ୍କ ସହ ବିଦ୍ୟାଳୟ ର ଅନ୍ୟ କର୍ମଚାରୀ ମାନଙ୍କ ମଧ୍ୟରେ ଶିକ୍ଷକ ଗୋଲଖ ବିହାରି ସାହୁ ,ଦେବେନ୍ଦ୍ର ନାଥ ପାଢ଼ୀ ,ଦୟାନିଧି ଚିନରା ,ପ୍ରଶାନ୍ତ କୁମାର ଦାସ ହିମାଂଶୁ ରଞ୍ଜନ ବାରିକ ,ବିଜୟ କୁମାର ପହି ଦେବାଶିଷ ରାଉତ ସଂଗ୍ରାମ କେଶରୀ ପଟ୍ଟନାୟକ ,ସୁଦୀପ୍ତ ଦାସ ବ୍ରହ୍ମାନନ୍ଦ ମଲିକ,ତନୁଶ୍ରୀ ତନୟା ପହି ,ଶୁଭଶ୍ରୀ ପଣ୍ଡା,ଉର୍ମି ମହାନ୍ତି ,ବିଷ୍ଣୁ,ପ୍ରିୟା ଦାସ ,ଭାଗ୍ୟଶ୍ରି ସାହୁ ପ୍ରୀତିନନ୍ଦା ମଲ୍ଲିକ ,ବିଶ୍ ଭାରତୀ ମିଶ୍ର ,ଚିନ୍ମୟୀ ସାହୁଏସ ବି ସାଇମେଗ୍ନା ,ସସ୍କିତା କର ,ତାନୁଶ୍ରୀ ଓଝା ,ମୋନାଲିସା ବାରିକ ,ଶ୍ରୀକାନ୍ତ ଜେନା ଇପିଶିତା ମିଶ୍ର ପ୍ରମୁଖ ଶିକ୍ଷୟତ୍ରୀ ମାନେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସହିଯୋଗ କରିଥିଲେ।

## ଆସିକା ନାଗରିକ କମିଟି ଦ୍ୱାରା ଆଠ ନମ୍ବର ୱାର୍ଡ ବାସିନ୍ଦାଙ୍କୁ ନେଇ ବୈଠକ ଅନୁଷ୍ଠିତ



ଆସିକା, (ମହାଭାରତ): ସ୍ଥାନୀୟ ସୁନାମ୍ଭ ସାହି ଜଗନ୍ନାଥ ମନ୍ଦିର ପରିସରରେ ଆସିକା ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆଇନଜୀବୀ ଛବିଳରାମ ମିଶ୍ର ସଭାପତିତ୍ୱ କରିଥିବା ବେଳେ ସତ୍ୟନାରାୟଣ ରଥ ଉପଦେଷ୍ଟା ବୈଠକରେ ସ୍ଥାୟୀ ଭୂବନ୍ଦୋବସ୍ତ କରାଯାଇ ଆସିକାବାସୀଙ୍କୁ ରୟାତିକ ପଟ୍ଟା ପ୍ରଦାନ କରିବାକୁ ସରକାରଙ୍କ ଠାରେ ଚାପ ସୃଷ୍ଟି କରିବାକୁ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ। ସଂଗଠକ ଗଂଗାଧର ଶତପଥୀ ଅମଳା ସଂଘନେତା ପ୍ରଶନ୍ତ କୁମାର ତ୍ରିପାଠୀ ଘରଜମି ମାପଜୁପ ନେଇ ସରକାର ଯଥାଶିଘ୍ର ଅଧିବାସୀଙ୍କୁ ପଟ୍ଟା ପ୍ରଦାନ କରିବାକୁ ଦାବୀ କରିଥିଲେ । ଉକ୍ତ ବୈଠକରେ ୱାର୍ଡ ନମ୍ବର ଆଠରେ ଏକ କମିଟି ଗଠନ କରାଯାଇଥିଲା । କମିଟିରେ ୱାର୍ଡମେମ୍ବର ମଦନ ମୋହନ ଦାସ, ଜୟ ଦାସ, ସୁରେନ୍ଦ୍ର ନାଥ ଦାସ, ରଘୁନାଥ ନାୟକ, ରମେଶଚନ୍ଦ୍ର ଗୌଡ଼, ପ୍ରଦୀପ ମୁନି, ନାରାୟଣଗୌଡ଼, ଅଶୋକ କୁମାର ପାଣିଗ୍ରାହୀ, ଡି.ମାମି ଓ ଯମୁନା ନାଇକକୁ ସଭାରେ ସର୍ବସମ୍ମତି ମନୋନିତ କରାଯାଇଛି । ଉକ୍ତ ବୈଠକରେ କମିଟର ସମ୍ପାଦକ ଶକ୍ତି ପ୍ରସାଦ କର, ନଅ ନମ୍ବର ୱାର୍ଡମେମ୍ବର ତଥା କାର୍ଯ୍ୟ କାରି କମିଟି ସଦସ୍ୟ କାହ୍ନୁଚରଣ ପାତ୍ର, ନିରଞ୍ଜନ ପଣ୍ଡା, ଗଜେନ୍ଦ୍ର କୁମାର ପାତ୍ର, ବୃନ୍ଦାବନ ସାହୁ, ମନୋରଞ୍ଜନ ସାହୁ, ମନୋଜ କୁମାର ସାହୁ ସମେତ ଉକ୍ତ ୱାର୍ଡର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ ।ଆଗାମୀ ରବିବାର ଦିନ ଅପରାହ୍ନରେ କମିଟର ବୈଠକ ହେବା ସ୍ଥିର ହୋଇ ସଭା ଭଙ୍ଗ କରାଯାଇଥିଲା।

## ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦ ପ୍ରସ୍ତୁତି ଓ ମରୁତ ମହକ ଉନ୍ମୋଚନ ପାଇଁ ପ୍ରସ୍ତୁତି ବୈଠକ

ହାଟଡିହି ଶନିବାର ଦିନ ମରେଇଗାଁ ଠାରେ ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦ ର ବାର୍ଷିକ ଉତ୍ସବ ଓ ମରୁତ ମହକ ପୁସ୍ତକ ଉନ୍ମୋଚନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ସାହିତ୍ୟ ସଂସଦ ସଭାପତି ଭାବରେ ପ୍ରତିମା ସ୍ୱାଇଁ ସମ୍ପାଦକ ସୁଦାମ ଚରଣ ଜେନା, ଏହି ସଂସଦର ଉପସଭାପତି ନିର୍ମଳ ଚନ୍ଦ୍ର ବାରକ, କୋଷାଧକ୍ଷ ନିର୍ମଳ ମଲ୍ଲିକ, ସନ୍ତୋଷ କୁମାର ଶା, ହେମନ୍ତ କୁମାର ନାୟକ, ବଳରାମ ଜେନା, ମୂରଲୀଧର ବେହେରା, କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ଅନନ୍ତ ମୁଦୁଲି, ବୁଦ୍ଧଦେବ ସାହୁ, ଗଣେଶ୍ୱର ମହାନ୍ତି, ଶରତ କୁମାର ସେଠୀ, ହାସ୍ୟମୟୀ ରାଜ, ନିରଂଜନ ଜେନା, ପ୍ରଭାକର ସ୍ୱାଇଁ, ରତ୍ନାକର ଜେନା, ପ୍ରଭୃତି ସାହିତ୍ୟ ପ୍ରେମୀ ଭାଇ ଭଉଣୀ ମାନେ ଅଂଶ ଗ୍ରହଣ କରି ଥିଲେ ।ଏଥିରେ ପତ୍ରିକା ପାଇଁ ଲେଖା ପଠାଇବାର ଆସନ୍ତା ୧୫ - ଜାନୁଆରୀ -୨୬ ତାରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ପରେ ଆଉ ଗ୍ରହଣ କରାଯିବ ନାହିଁ ବୋଲି ବୈଠକ ରେ ନିଷ୍ପତି କରାଯାଇଛି। ଯେଉଁ କବି କବିୟତ୍ରି ମାନେ ନିଜ ନିଜର ଲେଖା ପଠାଇବାର ବ୍ୟବସ୍ଥା ମୋବାଇଲ ମାଧମ ରେ ଦେଲେ ଗ୍ରହଣ କରାଯିବ ନାହିଁ। ତେଣୁ ସମୟ ମଧ୍ୟରେ ସମସ୍ତେ ପଠାଇବାକୁ ଅନୁରୋଧ।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି

ଚାନ୍ଦବାଲି, ମହାଭାରତ -ଓଡିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି, ଓଡିଆ ଭାଷା ସାହିତ୍ୟ ଆନ୍ଦୋଳନର ଅନ୍ୟ ତମ କର୍ଣ୍ଣଧାର ଓ ଓଡିଶା ରାଜତନ୍ତ୍ର ଇତିହାସର ସ୍ୱତନ୍ତ୍ର ଐତିହାସିକ ପୁରୁଷ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ପୁଣ୍ୟ ଜନ୍ମ ତିଥିରେ ଚାନ୍ଦବାଲି ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଶତ ସହସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଚାନ୍ଦବାଲି ନେହେରୁ ପାର୍କ ପରିସରରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା ।ଏଥିରେ ଚାନ୍ଦବାଲି ଓକିଲ ସଂଘର ସଭାପତି ଉପେନ୍ଦ୍ର କୁମାର ରାଉଳ,ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ପାଣି,ସାହିତ୍ୟିକ ଅମୂଲ୍ୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ଭଞ୍ଜ ମାଟିର ଗର୍ବ ଓ ଗୌରବ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ଅବିସ୍ମରଣୀୟ ସ୍ମୃତି କିର୍ତି ସମ୍ପର୍କରେ ମତ ପୋଷଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ସୁତାର, ପ୍ରକାଶ କୁମାର ନାୟକ, ବିଜୟ କୁମାର ସାହୁ, ଅଭୟ କୁମାର ସାମଲ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଭାରତ ବିରୋଧୀ ବାଂଲାଦେଶୀ ଛାତ୍ରନେତା ଉସମାନ ହାଦିଙ୍କ ମୃତ୍ୟୁ

ଢାକା: ଗତବର୍ଷ ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ହିଂସାତ୍ମକ ପ୍ରତିବାଦର ନେତୃତ୍ୱ ନେଇଥିବା ଛାତ୍ରନେତା ଉସମାନ ହାଦିଙ୍କ ଗୁରୁବାର ମୃତ୍ୟୁ ଘଟିଛି। କିଛି ଦିନ ପୂର୍ବରୁ ୩୪ ବର୍ଷୀୟ ହାଦିଙ୍କୁ ଗୁଳି କରାଯାଇଥିଲା ଏବଂ ସେ ଆହତ ହୋଇ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଆଜି ମୃତ୍ୟୁ ହୋଇଛି। ସେ ପ୍ରଖର ଭାରତ ବିରୋଧୀ ଭାବେ ଜଣାଶୁଣା ଥିଲେ । ଇନକିଲାବ ମଞ୍ଚର ମୁଖପାତ୍ର ଏବଂ ପୂର୍ବତନ



ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପ୍ରମୁଖ ବିରୋଧୀ ଶରିଫ ଉସମାନ ହାଦି ସିଙ୍ଗାପୁର ଜେନେରାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ, ଯେଉଁଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଇନକିଲାବ ମଞ୍ଚ ଏକ ଫେସବୁକ୍ ପୋଷ୍ଟରେ ତାଙ୍କ ମୃତ୍ୟୁ ନିଶ୍ଚିତ କରିଛି। ଡିସେମ୍ବର ୧୨ ତାରିଖରେ ଢାକାର ପୁରୁଣା ପଲଟନ ଅଞ୍ଚଳରେ ବ୍ୟାଟେରୀ ଚାଳିତ ରିକ୍ସାରେ ନିର୍ବାଚନ ପ୍ରଚାର କରୁଥିବା ସମୟରେ ସ୍ପଷ୍ଟ ଦିବାଲୋକରେ ତାଙ୍କୁ ମୋଟରସାଇକେଲ ଆତତାୟୀମାନେ ଗୁଳି କରିଥିଲେ। ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା, ଯାହା ଫଳରେ ହାଦି ଗୁରୁତର ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ପ୍ରଥମେ ଢାକା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ତାଙ୍କୁ ଲାଇଫ୍ ସପୋର୍ଟରେ ରଖାଯାଇଥିଲା। ପରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ସିଙ୍ଗାପୁରକୁ ଏୟାରଲିଫ୍ଟ କରାଯାଇଥିଲା, କିନ୍ତୁ ସେ ବଞ୍ଚି ପାରି ନଥିଲେ।

## ମିଆଁମାରରେ ଭୂକମ୍ପ, ତୀବ୍ରତା ୪.୪




ମିଆଁମାର : ମିଆଁମାରରେ ଭୂକମ୍ପ ଝଟକା । ଭୂକମ୍ପର ତୀବ୍ରତା ୪.୪ ରହିଛି । ଭୂକମ୍ପର କେନ୍ଦ୍ରସ୍ଥଳ ୧୦୦ କିଲୋମିଟର ଗଭୀରତାରେ ଥିବା ଜଣାପଡିଛି । ଏହା ପୂର୍ବରୁ ୧୩ ଡିସେମ୍ବରରେ ୩.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ୧୧୫ କିଲୋମିଟର ଗଭୀରତାରେ ଥିଲା । ଘଉଝ ସୂଚନାନୁସାରେ ମିଆଁମାରରେ ୩.୮ ତୀବ୍ରତାର ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହା ୧୧ ଡିସେମ୍ବରର ହୋଇଥିଲା ବୋଲି ଜଣାପଡିଛି । ମିଆଁମାର ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ଥିବାରୁ ସୁନାମୀ ହେବାର ସମ୍ଭାବନା ରହିଛି । କିନ୍ତୁ ଏଥର ହୋଇଥିବା ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ନାହିଁ ।

## ଡିଏମକେ ଉପରେ ବର୍ଷିଲେ ବିଜୟ

ଅମରାବତୀ : ଅଭିନେତାରୁ ରାଜନେତା ହୋଇଥିବା ବିଜୟ ଗୁରୁବାର ତାମିଲନାଡୁର ଇରୋଡ ଜିଲାରେ ଏକ ରାଲିକୁ ସମ୍ବୋଧିତ କରିଥିଲେ। ସେପ୍ଟେମ୍ବର ୨୭ରେ କରୁରରେ ତାଙ୍କ ରାଲିରେ ଦଳାଚକଟା ହେବା ପରେ ଏହା ତାଙ୍କର ପ୍ରଥମ ସାଧାରଣ ସଭା ଥିଲା। ରାଲି ସମୟରେ ସେ ଶାସକ ଡିଏମକେକୁ ଟାର୍ଗେଟ କରି କହିଥିଲେ ଯେ ଏହା ମନ୍ଦ ରାଜନୀତି କରୁଛି। ସେ ଟିଭିକେକୁ ଏକ ପବିତ୍ର ଦଳ ଭାବରେ ମଧ୍ୟ ବର୍ଣ୍ଣନା କରିଥିଲେ। ପ୍ରକୃତରେ, ଟିଭିକେ ମୁଖ୍ୟ ବିଜୟ କହିଥିଲେ ଯେ ଡିଏମକେ ଏକ ମନ୍ଦ ଶକ୍ତି ଏବଂ ଟିଭିକେ ଏକ ପବିତ୍ର ଶକ୍ତି। ଏହି ଲଢ଼େଇ ପବିତ୍ର ଶକ୍ତି ଏବଂ ଦୁଷ୍ଟ ମଧ୍ୟରେ। ତାଙ୍କ ସମ୍ବୋଧନରେ, ବିଜୟ ଡିଏମକେକୁ ଟାର୍ଗେଟ କରିଥିଲେ ଏବଂ ଆଇନ ଶୃଙ୍ଖଳା ଏବଂ ଏନଇଇଟି ପରୀକ୍ଷାରୁ ତାମିଲନାଡୁର ଛାଡ ସମ୍ପର୍କିତ ବିବାଦ ଭଳି ପ୍ରସଙ୍ଗ ଉପରେ ଏକ କଡା ଟାର୍ଗେଟ କରିଥିଲେ।

# ବାଂଲାଦେଶ ୧୯୭୧ର ପରିସ୍ଥିତିକୁ ଫେରୁଛି : ହାସିନା

ବାଂଲାଦେଶ: ଭାରତରେ ରହି ପୁଣି ଥରେ ମୁହଁ ଖୋଲିଛନ୍ତି ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା । ନିଜ ଦେଶର ପରିସ୍ଥିତି ଉପରେ ସେ କହିଛନ୍ତି ସେଠାରେ ୧୯୭୧ର ପରିସ୍ଥିତି ଫେରିବାର ଆଶଙ୍କା ରହିଛି ଭାରତର ଏକ ଘରୋଇ ନ୍ୟୁଜ ଚ୍ୟାନେଲ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ କହିଛନ୍ତି ଯେ "ଆଜି ଆମେ ଯେଉଁ ହିଂସା ଦେଖୁଛୁ... ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା, ମହିଳାଙ୍କ ଉପରେ ଆକ୍ରମଣ ଏବଂ ଆମର ମୁକ୍ତି ସଂଗ୍ରାମର ଇତିହାସକୁ ଲିଭାଇ ଦେବାର ପ୍ରୟାସ... ଏସବୁ ୧୯୭୧ ମସିହାର ବିଚଳିତ କରିଦେବା ଭଳି ସ୍ମୃତିକୁ ପ୍ରତିଫଳିତ କରେ। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଜି ବାଂଲାଦେଶରେ ଯାହା ଘଟୁଛି ତାହା କେବଳ ରାଜନୈତିକ ଅଶାନ୍ତି ନୁହେଁ, ବରଂ ୧୯୭୧ର ଅନ୍ଧାର ଯୁଗକୁ



ଫେରିବାର ପ୍ରୟାସ, ଯେତେବେଳେ ପାକିସ୍ତାନୀ ସେନା ବାଂଲାଦେଶ (ତତ୍କାଳୀନ ପୂର୍ବ ପାକିସ୍ତାନ) ର ମାଟିକୁ ରକ୍ତରେ ଭିଜାଇ ଦେଇଥିଲା। ଏହା ଏକ ସମୟ ଥିଲା ଯେତେବେଳେ ୨୦୦,୦୦୦ରୁ ଅଧିକ ମହିଳାଙ୍କ ସମ୍ମାନ ଉଲ୍ଲଂଘନ କରାଯାଇଥିଲା, ଏବଂ ବର୍ତ୍ତମାନର ପରିସ୍ଥିତି ସେହି ଯୁଗର ବର୍ବରତାକୁ ପ୍ରତିଫଳିତ କରେ। ହସିନା କହିଛନ୍ତି ଯେ ୧୯୭୧ରେ ପାକିସ୍ତାନୀ ସେନା ଏବଂ ଏହାର ସମର୍ଥକ (ରାଜାକାର) ଯେଉଁ ମାନସିକତା ସହିତ କାର୍ଯ୍ୟ କରୁଥିଲେ, ସେହି ସମାନ ମାନସିକତା ପୁଣି ଥରେ ବାଂଲାଦେଶ ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରୁଛି। ୧୯୭୧ରେ, ବିଶେଷକରି ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଇଥିଲା। ଆଜି ମଧ୍ୟ, ବାଂଲାଦେଶରେ ମନ୍ଦିର ଏବଂ ହିନ୍ଦୁ ଘର ଉପରେ ଆକ୍ରମଣ କରାଯାଉଛି। ୧୯୭୧ ରେ, ମହିଳାମାନଙ୍କ ଉପରେ ବଳାତ୍କାରକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଇଥିଲା। ହସିନା ଭୟ କରୁଛନ୍ତି ଯେ ଅରାଜକତାର ଏହି ପରିବେଶରେ, ମହିଳାଙ୍କ ସମ୍ମାନ କ୍ଷୁର୍ଣ୍ଣ ହେଉଛି। ବାଂଲାଦେଶ ଧର୍ମ ନୁହେଁ, ଧର୍ମନିରପେକ୍ଷତା ଏବଂ ବଙ୍ଗଳା ସଂସ୍କୃତି ଆଧାରରେ ଜନ୍ମ ନେଇଥିଲା। ହସିନା କହିଛନ୍ତି ଯେ ନୂତନ ଶକ୍ତି ଏହି 'ମୁକ୍ତି ଯୁଦ୍ଧ'ର ଇତିହାସକୁ ଲିଭାଇ ଦେବାକୁ ଚାହୁଁଛନ୍ତି।

## ଘନ କୁହୁଡ଼ି ପାଇଁ ବିମାନ ଚଳାଚଳ ପ୍ରଭାବିତ

ନୂଆଦିଲ୍ଲୀ : ଦିଲ୍ଲୀରେ ଘନ କୁହୁଡ଼ି ପାଇଁ ବିମାନ ଚଳାଚଳ ପ୍ରଭାବିତ ଆଶଙ୍କା । ଟ୍ରାଭେଲ ଆଡଭାଇଜରୀ ଜାରି କଲା ଏୟାର ଇଣ୍ଡିଆ । ଦିଲ୍ଲୀ ସମେତ ଉତ୍ତର ଓ ପୂର୍ବ ଭାରତରେ ଘନ କୁହୁଡ଼ି ଲାଗି ରହୁଛି । ବିଭିନ୍ନ ବିମାନବନ୍ଦରରେ ଦୃଶ୍ୟମାନ ଦୂର ହ୍ରାସ ଯୋଗୁ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ । ଏଥିପାଇଁ ବିମାନ ଉଡ଼ାଣ ବିଳମ୍ବିତ ଆଶଙ୍କା ରହିଛି ।

ତେଣୁ ଯାତ୍ରୀଙ୍କ ଲାଗି ଟ୍ରାଭେଲ ଆଡଭାଇଜରୀ ଜାରି କରିଛି ଏୟାର ଇଣ୍ଡିଆ । ଯାତ୍ରୀଙ୍କୁ ଘରୁ ଶୀଘ୍ର ନ ବାହାରିବା ପାଇଁ କୁହାଯାଇଛି । ବିମାନ ବନ୍ଦରକୁ ଆସିବା ପୂର୍ବରୁ ଯାତ୍ରୀମାନେ ଏୟାର ଇଣ୍ଡିଆ ୱେବସାଇଟରେ ସେମାନଙ୍କ ଫ୍ଲାଇଟ ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି ।

## ବଡ଼ ଜାଲିଆତିର ଖୁଲାସା: ଗାଁରେ ଜନସଂଖ୍ୟା ୧୫୦୦, ତିନି ମାସରେ ୨୭,୦୦୦ ଶିଶୁ ଜନ୍ମ!

ମୁମ୍ବାଇ,୧୮।୧୨: ମହାରାଷ୍ଟ୍ରର ଏକ ଛୋଟ ଗାଁରେ ଏପରି ଏକ ଘଟଣା ଘଟିଛି, ଯାହା ପ୍ରଶାସନର ନିଦ ହଜାଇ ଦେଇଛି। ଯବତମାଲ ଜିଲାର ଆର୍ନି ତହସିଲ ଅନ୍ତର୍ଗତ ଶେନ୍ଦୁରୁସାନି ଗ୍ରାମ ପଞ୍ଚାୟତରେ ମାତ୍ର ୩ ମାସ ମଧ୍ୟରେ ୨୭,୩୯୭ ଜନ୍ମ ପଞ୍ଜିକରଣ କରାଯାଇଥିବା ଜଣାପଡ଼ିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଗ୍ରାମର ମୋଟ ଜନସଂଖ୍ୟା ମାତ୍ର ୧,୫୦୦। ୨୦୨୫ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚାଲିଥିବା ବେଳେ ଏହି ଅନିୟମିତତା ସାମ୍ନାକୁ ଆସିଥିଲା। ପରେ ଜଣାପଡ଼ିଥିଲା ଯେ, ଏହା ଏକ ବଡ଼ ଧରଣର ସାଇବର ଅପରାଧ ଯେଉଁଥିରେ ସରକାରୀ ପୋର୍ଟାଲକୁ ହ୍ୟାକ୍ କରାଯାଇଛି। ଗ୍ରାମ ପଞ୍ଚାୟତର 'ସିଭିଲ୍ ରେଜିଷ୍ଟ୍ରେସନ ସିଷ୍ଟମ'ର ଲଗ୍-ଇନ୍ ଆଇଡି (ଓଉ) କୁ ଅପବ୍ୟବହାର କରାଯାଇ ମୁମ୍ବାଇରୁ ଏହି ପଞ୍ଜିକରଣ କରାଯାଇଛି। ଭାଜପା ନେତା କିରିଟ ସୋମାୟାଙ୍କ ଅନୁଯାୟୀ, ପଞ୍ଜିକୃତ ହୋଇଥିବା ନାମଗୁଡ଼ିକ ମଧ୍ୟରୁ ୯୯% ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଲୋକଙ୍କ ନାମରେ ରହିଛି। ଘଟଣା ସାମ୍ନାକୁ ଆସିବା ପରେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନ୍ଦାର ପାଟକୀ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। ଏତେ ବଡ଼ ସଂଖ୍ୟାରେ ନକଲି ଜନ୍ମ ପ୍ରମାଣପତ୍ର ପ୍ରସ୍ତୁତ କରିବା ପଛରେ କୌଣସି ବଡ଼ ଧରଣର ପରିଚୟ ପ୍ରମାଣ ଜାଲିଆତି କିମ୍ବା ସରକାରୀ ଯୋଜନାର ଅନୁଚିତ ଲାଭ ଉଠାଇବା ପାଇଁ ଉଦ୍ୟମ କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ପରେ ଯବତମାଲ ପୋଲିସ ଭାରତୀୟ ନ୍ୟାୟ ସଂହିତା ଏବଂ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ?ଙ୍କୁ ଭେଟି ସମସ୍ତ ନକଲି ପ୍ରମାଣପତ୍ର ରଦ୍ଦ କରିବାକୁ ଦାବି କରାଯାଇଛି।

## ରାଜଧାନୀରେ ଗାଡି ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ତେଲ ପକାଇପାରିବେ ନାହିଁ

ନୂଆଦିଲ୍ଲୀ : ସାଂଘାତିକ ସ୍ଥିତିରେ ଦିଲ୍ଲୀ ପ୍ରଦୂଷଣ । ଦିଲ୍ଲୀରେ ଆଜିଠୁ ନୋ ପିୟୁସି ନୋ ଫୁଏଲ୍ ନିୟମ ଲାଗୁ । ପ୍ରଦୂଷଣ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ । ଦିଲ୍ଲୀ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏହି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ବ୍ୟତୀତ, କେବଳ ଇଝ-୦ଓ ଅନୁପାଳନକାରୀ ଯାନଗୁଡ଼ିକୁ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ । କେବଳ ଆମ୍ବୁଲାନ୍ସ, ଅଗ୍ନିଶମ ଓ ପୋଲିସ ବିଭାଗର ଗାଡିକୁ ମିଳିବ ରିହାତି । ବାୟୁ ଗୁଣବତ୍ତାମାନ ଅତ୍ୟନ୍ତ ଖରାପ ଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କହିଛି । ଇଛଓ ମାନ ୨୮୪ରେ ପହଞ୍ଚିଛି । ପ୍ରଦୂଷଣକୁ ନଜରରେ ରଖି ଆଜିଠୁ



ସବୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀ ୱାର୍କ ଫ୍ରମ ହୋମରେ କାମ କରିବେ । ନିୟମ ଉଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ । କିଛି ଦିନ ହେଲା ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦ୍ୟୁଷଣ ବଢ଼ି ଚାଲିଛି । ପୂର୍ବରୁ ଅନଲାଇନରେ ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## ରାଜ୍ୟସଭାରେ ଶାନ୍ତି ବିଲ୍ ଗୃହୀତ, ପରମାଣୁ କ୍ଷେତ୍ରରେ ପ୍ରବେଶ କରିପାରିବେ ଘରୋଇ କମ୍ପାନି

ନୂଆଦିଲ୍ଲୀ: ରାଜ୍ୟସଭାରେ ପରମାଣୁ ଶକ୍ତିର ସ୍ଥାୟୀ ଉପଯୋଗ ଏବଂ ଉନ୍ନତି ବିଲ୍ ୨୦୨୫ ( ଶାନ୍ତି ବିଲ୍, ୨୦୨୫) ଗୃହୀତ ହୋଇଛି। ରାଜ୍ୟସଭା ଏହି ବିଲକୁ ବାଚନିକ ଭୋଟ ଦ୍ୱାରା ପାସ୍ କରିଛି । ଏହି ବିଲ୍ ବେସାମରିକ ପରମାଣୁ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକର ଅଂଶଗ୍ରହଣ ପାଇଁ ପଥ ଖୋଲିବାକୁ ଯାଉଛି। ଏହି ବିଲଟି ସଂସଦର ନିମ୍ନ ସଦନ ଲୋକସଭାରେ ଏହି ବିଲ୍ ଗୃହୀତ ହୋଇଥିଲା। ଏହା ପରେ, ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ ବିଲ୍ ଏକ ପୂର୍ଣ୍ଣାଙ୍ଗ ଆଇନରେ ପରିଣତ ହେବ, ଯାହା ପରେ କେନ୍ଦ୍ର ସରକାର ପରମାଣୁ ଶକ୍ତି ଉପରେ ସରକାରଙ୍କ ଏକାଧିକାରକୁ ସମାପ୍ତ କରିବା ଦିଗରେ ଅଗ୍ରସର ହେବ ଏବଂ ଘରୋଇ କମ୍ପାନୀଗୁଡ଼ିକ ପରମାଣୁ କ୍ଷେତ୍ରରେ ଭାରତକୁ ରୂପାନ୍ତରିତ କରିବା ପାଇଁ କାର୍ଯ୍ୟ କରିବେ। ଏହି ବିଲର ଚର୍ଚ୍ଚା ସମୟରେ, କେନ୍ଦ୍ର ପରମାଣୁ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ସଂସଦର ଉଚ୍ଚ ସଦନ ରାଜ୍ୟସଭାରେ ଏହି ବିଲ୍ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ପରମାଣୁ ଶକ୍ତି ଏକ ନିର୍ଭରଯୋଗ୍ୟ, ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ପ୍ରଦାନ କରେ, ଯେତେବେଳେ ଅନ୍ୟାନ୍ୟ ନବୀକରଣୀୟ ଶକ୍ତି ବିକଳ୍ପଗୁଡ଼ିକରେ ଏହି ନିରନ୍ତରତା ନାହିଁ। ସେ କହିଥିଲେ ଯେ ସୁରକ୍ଷା ବ୍ୟବସ୍ଥା ସହିତ କୌଣସି ପ୍ରକାରର ସାଲିସ କରାଯିବ ନାହିଁ। ଆଜି ପର୍ଯ୍ୟନ୍ତ, ଜନସାଧାରଣଙ୍କ ପାଇଁ କୌଣସି ବିକିରଣ ସମ୍ବନ୍ଧୀୟ ବିପଦର କୌଣସି ରିପୋର୍ଟ ଆସିନାହିଁ।

## ରେଳଯାତ୍ରୀଙ୍କୁ ବଡ଼ ଝଟ୍କା

ନୂଆଦିଲ୍ଲୀ : ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନେ ନିର୍ଦ୍ଧାରିତ ସୀମାରୁ ଅଧିକ ସାମଗ୍ରୀ ନେଲେ ଶୁଳ୍କ ଦେବାକୁ ପଡ଼ିବ। ଏନେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ସୂଚନା ଦେଇଛନ୍ତି। ତେଲୁଗୁ ଦେଶମ ପାର୍ଟି (ଟିଡିପି) ସାଂସଦ ଭେମିରେଡ୍ଡି ପ୍ରଭାକର ରେଡ୍ଡିଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି। ରେଡ୍ଡି ପଚାରିଥିଲେ ଯେ ବିମାନବନ୍ଦରରେ ଥିବା ନିୟମ ଭଳି ଟ୍ରେନ ଯାତ୍ରୀମାନଙ୍କ ପାଇଁ ସାମଗ୍ରୀ ନିୟମ ଲାଗୁ କରାଯିବ କି ନାହିଁ। ଏହାର ଉତ୍ତରରେ ବୈଷ୍ଣବ କହିଛନ୍ତି, 'ବର୍ତ୍ତମାନ ଯାତ୍ରୀମାନେ ବଗି ଭିତରେ ସାମଗ୍ରୀ ନେବାର ଶ୍ରେଣୀଭିତ୍ତିକ ଅଧିକତମ ସୀମା ନିର୍ଦ୍ଧାରିତ ହୋଇଛି।" ମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁଯାୟୀ, ଦ୍ୱିତୀୟ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀ ୩୫ କିଲୋଗ୍ରାମ ପର୍ଯ୍ୟନ୍ତ ସାମଗ୍ରୀ ନିଃଶୁଳ୍କ ନେଇପାରିବେ ଏବଂ ଶୁଳ୍କ ଦେଇ ୭୦ କିଲୋଗ୍ରାମ ପର୍ଯ୍ୟନ୍ତ ନେଇପାରିବେ। ଯାତ୍ରୀମାନେ କେତେ ସାମଗ୍ରୀ ନେଇପାରିବେ: ସ୍ଲିପର ଶ୍ରେଣୀ: ୪୦ କିଗ୍ରା ନିଃଶୁଳ୍କ, ଅଧିକତମ ସୀମା ୮୦ କିଗ୍ରା। ଏସି ଥ୍ରୀ ଟିୟର: ୪୦ କିଗ୍ରା ନିଃଶୁଳ୍କ ଏବଂ ଏହା ହିଁ ଅଧିକତମ ସୀମା। ପ୍ରଥମ ଶ୍ରେଣୀ ଏବଂ ଏସି ଟୁ ଟିୟର: ୫୦ କିଗ୍ରା ନିଃଶୁଳ୍କ, ଅଧିକତମ ସୀମା ୧୦୦ କିଗ୍ରା। ଏସି ପ୍ରଥମ ଶ୍ରେଣୀ: ୭୦ କିଗ୍ରା ନିଃଶୁଳ୍କ, ଶୁଳ୍କ ଦେଇ ୧୫୦ କିଗ୍ରା ପର୍ଯ୍ୟନ୍ତ। ମନ୍ତ୍ରୀଙ୍କ ଅନୁଯାୟୀ, ୧୦୦ ସେଣ୍ଟିମିଟର ଲମ୍ବ, ୬୦ ସେମି ଚଉଡ଼ା ଏବଂ ୨୫ ସେମି ଉଚ୍ଚତା ପର୍ଯ୍ୟନ୍ତର ଟ୍ରଙ୍କ, ସୁଟକେସ ବା ବାକ୍ସକୁ ବ୍ୟକ୍ତିଗତ ସାମଗ୍ରୀ ଭାବେ ଯାତ୍ରୀ ବଗିରେ ନେଇପାରିବେ। ଯଦି ଏହାର ବାହ୍ୟ ମାପ କୌଣସି ଭାବେ ଅଧିକ ହୋଇଥାଏ, ତେବେ ସେହି ସାମଗ୍ରୀକୁ ଯାତ୍ରୀ ବଗିରେ ନୁହେଁ, ବ୍ରେକଭ୍ୟାନ (ଏସ୍‌ଏଲ୍‌ଆର୍)/ପାର୍ସଲ ଭ୍ୟାନରେ ବୁକ କରି ନେବାକୁ ପଡ଼ିବ।

## ତିଳକ ଲଗାଇନ ଯଦି ପ୍ରବେଶ ମନା

ନୂଆଦିଲ୍ଲୀ: ପ୍ରସିଦ୍ଧ କଥାକାର ଦେବକୀନନ୍ଦନ ଠାକୁରଙ୍କ ଦ୍ୱାରା ଜୟପୁରରେ ଅନୁଷ୍ଠିତ ହେଉଥିବା ଭାଗବତ କଥାରେ କେବଳ ତିଳକ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ପ୍ରବେଶ ଅନୁମତି ଦିଆଯାଇଛି। କଥାସ୍ଥଳର ଫାଟକରେ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି, ଯେଉଁଥିରେ ଲେଖା ଅଛି, 'ତିଳକ ନାହିଁ, ପ୍ରବେଶ ନିଷେଧ।' ଯେଉଁମାନେ ତିଳକ ଲଗାଇ ନାହାନ୍ତି, ସେମାନଙ୍କ ପାଇଁ ଫାଟକରେ ବ୍ୟବସ୍ଥା କରାଯାଇଛି। ଅନେକ ମହିଳା ସ୍ୱେଚ୍ଛାସେବୀ ହାତରେ ପ୍ଲେଟ୍ ଧରି ଠିଆ ହୋଇଛନ୍ତି। ଯେଉଁମାନେ ତିଳକ ନ ଲଗାଇ ପହଞ୍ଚନ୍ତି ସେମାନଙ୍କୁ ଗେଟରେ ହିଁ ତିଳକ ଲଗାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହା ବ୍ୟତୀତ, ମଣ୍ଡପ ଭିତରେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଯଦି କେହି ମୁଖ୍ୟ ଫାଟକ ପାର କରି ଭିତରକୁ ପ୍ରବେଶ କରିବାରେ ସଫଳ ହୁଅନ୍ତି, ତେବେ ରାସ୍ତାରେ ସେମାନଙ୍କୁ ତିଳକ ଲଗାଯାଉଛି । ମଣ୍ଡପରେ ବିଭିନ୍ନ ସ୍ଥାନରେ ବସିଥିବା ଭକ୍ତମାନଙ୍କ




ଉପରେ ମଧ୍ୟ ନଜର ରଖାଯାଉଛି। ଯଦି କେହି ସେମାନଙ୍କର ତିଳକ ପୋଛି ଦେଇଛନ୍ତି, ତେବେ ସେମାନଙ୍କୁ ସେଠାରେ ପୁନର୍ବାର ଲଗାଯାଉଛି। ତିଳକ ବିନା ମଣ୍ଡପରେ କାହାକୁ ରହିବାକୁ ଅନୁମତି ଦିଆଯାଇ ନାହିଁ। ଏ ସମ୍ପର୍କରେ କାହାଣୀକାର ଦେବକୀନନ୍ଦନ ଠାକୁର କହିଛନ୍ତି ଯେ ତିଳକ ଲଗାଇବା ଏକ ସନାତନ ପରମ୍ପରା ଏବଂ ସକାରାତ୍ମକ ଶକ୍ତି ଆଣିଥାଏ। ଏହା ବ୍ୟତୀତ, ଯେଉଁମାନେ ସନାତନ ଧର୍ମରେ ବିଶ୍ୱାସ ରଖନ୍ତି ସେମାନଙ୍କୁ ତିଳକ ଲଗାଇବା ପରେ କଥା ମଣ୍ଡପରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଦାବି କରାଯାଉଛି ଯେ ତିଳକ ବିନା କୌଣସି ପ୍ରବଚନ ସ୍ଥଳ ପ୍ରବେଶକୁ ନିଷେଧ କରାଯିବା ଏହା ପ୍ରଥମ ଘଟଣା। ଦେବକୀନନ୍ଦନ ଠାକୁର କହିଛନ୍ତି ଯେ ଏହାକୁ ଧାର୍ମିକ ଦୃଷ୍ଟିକୋଣରୁ ଦେଖିବା ଉଚିତ୍ ନୁହେଁ, କିମ୍ବା ଏଥିରୁ କୌଣସି ରାଜନୈତିକ ଅର୍ଥ ବାହାର କରାଯିବା ଉଚିତ୍ ନୁହେଁ। ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ଯେଉଁମାନେ ସନାତନ ଧର୍ମରେ ବିଶ୍ୱାସ କରନ୍ତି ନାହିଁ ଏବଂ ଅନ୍ୟ ଧର୍ମର ଅଟନ୍ତି ସେମାନଙ୍କୁ ଆସିବା ଆବଶ୍ୟକ ନାହିଁ।

## ଗଦି ନହେଲେ ଜେଲରେ ଆରାମରେ ଶୋଇ ପାରୁ ନାହାନ୍ତି ଲୁଥ୍ରା ବ୍ରଦର୍ସ, କୋର୍ଟ ରଖିଲେନି ଅନୁରୋଧ

ଗୋଆ : ଜେଲରେ ଆରାମରେ ଶୋଇପାରୁନାହାନ୍ତି ଲୁଥ୍ରା ବ୍ରଦର୍ସ । ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଦର୍ଶାଇ ଡନଲପ ଗଦି ଯୋଗାଇ ଦେବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ । ତେବେ ବିଚାରପତି ଗଦି ପାଇଁ ଅନୁରୋଧକୁ ଖାରଜ କରିଦେଇଛନ୍ତି । ଗୋଆର ଆରପୋରାରେ ଥିବା ବିର୍ଚ୍ଚ ବାଏ ରୋମିଓ ଲେନ ନାଇଟକ୍ଲବରେ ଅଗ୍ନିକାଣ୍ଡ ମାମଲାରେ ଗିରଫ ଦୁଇ ମୁଖ୍ୟ ଅଭିଯୁକ୍ତ ସୌରଭ ଓ ଗୌରବ ଲୁଥ୍ରାଙ୍କୁ ୫ ଦିନ ପାଇଁ ପୋଲିସ ରିମାଣ୍ଡକୁ ପଠାଇଛନ୍ତି କୋର୍ଟ । ଗୋଆ ?କୋର୍ଟରେ ହାଜର ସମୟରେ ଲୁଥ୍ରା ବ୍ରଦର୍ସ ନିଜ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଗଦି ପାଇଁ ଅନୁରୋଧ କରିଥିଲେ । ଜଣେ ଭାଇ ଅଣ୍ଟା ବିନ୍ଧା ଏବଂ ଅନ୍ୟ ଜଣେ ମେରୁଦଣ୍ଡ ତଳ ହାଡ଼ ସମସ୍ୟା ଥିବା କହି ଶୋଇବା ପାଇଁ ଏକ ଭଲ



'ଡନ୍ ଲପ୍ ଗଦି' ମାଗିଥିଲେ । କୋର୍ଟ ତୁରନ୍ତ ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଇଥିଲେ। ଡାକ୍ତରୀ ରିପୋର୍ଟରେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଥିଲା । ଏହା ପରେ ବିଚାରପତି ଗଦି ପାଇଁ ସେମାନଙ୍କ ଅନୁରୋଧକୁ ଖାରଜ କରି କରିଦେଇଥିଲେ । ଗତ ୬ ତାରିଖ ରାତିରେ ଗୋଆର ଆରପୋରାରେ ଥିବା ବିର୍ଚ୍ଚ ବାଏ ରୋମିଓ ଲେନ ନାଇଟକ୍ଲବରେ ଅଗ୍ନିକାଣ୍ଡ ହୋଇଥିଲା । ଏହି ଅଗ୍ନିକାଣ୍ଡରେ ୨୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଅଗ୍ନିକାଣ୍ଡର ମାତ୍ର କିଛି ଘଣ୍ଟା ମଧ୍ୟରେ ନାଇଟକ୍ଲବ ମାଲିକ ଦେଶ ଛାଡି ଥାଇଲାଣ୍ଡ ଚାଲିଯାଇଥିଲେ । ଥାଇଲାଣ୍ଡରୁ ପ୍ରତ୍ୟର୍ପଣ ପରେ ମଙ୍ଗଳବାର ଲୁଥ୍ରା ବ୍ରଦର୍ସ ଦିଲ୍ଲୀରେ ପହଞ୍ଚିଥିଲେ । ଏୟାରପୋର୍ଟରେ ପହଞ୍ଚିବା ପରେ ଦୁଇ ଭାଇଙ୍କୁ ଗୋଆ ପୋଲିସ ଗିରଫ କରିଥିଲା । ପଟିଆଲା ହାଉସକୋର୍ଟ ସେମାନଙ୍କୁ ୪୮ ଘଣ୍ଟାର ଟ୍ରାଞ୍ଜିଟ ରିମାଣ୍ଡରେ ପଠାଇଥିଲେ । ଗୋଆ ପୋଲିସ ସେମାନଙ୍କୁ ନେଇ ଫେରିବା ପରେ ସେଠାରେ ଅଦାଲତର ହାଜର କରିଥିଲା । ପୋଲିସ କହିଛି ଗୋଆର ବର୍ଚ୍ଚ ବାଏ ରୋମିଓ ଲେନ ନାଇଟ କ୍ଲବରେ ରେ ନିଆଁ ଲିଭାଇବା ବ୍ୟବସ୍ଥା ନଥିଲା । ଜରୁରୀକାଳୀନ ଦ୍ୱାର ମଧ୍ୟ ନଥିଲା । ତଥାପି ସେମାନେ ବେଆଇନ ଭାବେ ବାଣ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ । ଫଳରେ ୨୫ ଜଣଙ୍କ ଜୀବନ ଗଲା । ଲୁଥ୍ରା ବ୍ରଦର୍ସଙ୍କ ବିରୋଧରେ ବିରୋଧରେ ହତ୍ୟା ଭଳି ଗୁରୁତର ଦଫା ଲଗାଯାଇଛି ।

# ଆଜି ଅହମ୍ମଦାବାଦରେ ଚୂଡ଼ାନ୍ତ ଟି୨୦

## ବିଜୟଠୁ ଅଧିକ ସୂର୍ଯ୍ୟଙ୍କ ପ୍ରଦର୍ଶନ ଉପରେ ରହିବ ଅଧିକ ନଜର

ଅହମ୍ମଦାବାଦ,୧୮।୧୨: ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଶେଷ ତଥା ପଞ୍ଚମ ମ୍ୟାଚ ଗୁଜରାଟର ବିଶ୍ୱର ସବୁଠୁ ବଡ଼ ଷ୍ଟାଡିୟମ ଅହମ୍ମଦାବାଦ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚ୍ ଜିତି ଭାରତ ସିରିଜ ହାତେଇବାକୁ ଲକ୍ଷ୍ୟ ରଖିଥିବା ବେଳେ ସିରିଜ ଡ୍ର ରଖିବାକୁ ଅଣ୍ଟା ଭିଡିଛି ଭ୍ରମଣକାରୀ ଦଳ। ତେବେ ଏହି ମୁକାବିଲାରେ ଭାରତର ବିଜୟ ଏବଂ ପରାଜୟଠୁ ଅଧିକ ବଡ ପ୍ରଶ୍ନ ହେଉଛି ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଉକ୍ତ ମୁକାବିଲାରେ ସୂର୍ଯ୍ୟଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ସେହିପରି ଦ୍ରୁତ ବୋଲର ଯଶପ୍ରୀତ ବୁମରା ମଧ୍ୟ ଦଳକୁ ଫେରିଛନ୍ତି। ସେ ଫାଇନାଲ ମ୍ୟାଚରେ ଖେଳିବେ। ଅନ୍ୟପକ୍ଷରେ ଉପଅଧିନାୟକ ଶୁଭମନ ଗିଲ୍ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ସନ୍ଦେହରେ ରହିଛି। ଫଳରେ ସଞ୍ଜୁ ସାମସନଙ୍କୁ ସୁଯୋଗ ମିଳିପାରେ।

ଟେଷ୍ଟ ସିରିଜ ୦-୨ରେ ହାରିବା ପରେ ଦିନିକିଆ। ସିରିଜକୁ ଭାରତ ୨-୧ରେ ଜିତିଥିଲା। ଏବେ ଟି-୨୦ ସିରିଜରେ ଦଳ ୨-୧ରେ ଆଗୁଆ ରହିଛି । ବୁଧବାର ଲଖନଉରେ ଘନ କୁହୁଡି କାରଣରୁ ଚତୁର୍ଥ ମ୍ୟାଚ୍ ବାତିଲ୍ ହେଇଛି। ଏହା ସହ ନିଶ୍ଚିତ ହୋଇ ଯାଇଛି ଯେ, ଭାରତ ସିରିଜ୍ ହାରିବ ନାହିଁ। ଏହା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ପାଇଁ ଆଶ୍ୱସ୍ତିକର ବିଷୟ। କିନ୍ତୁ ଦଳର ଦୁଇ ପ୍ରମୁଖ ଖେଳାଳି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଉପ ଅଧିନାୟକ ଶୁଭମନ ଗିଲ ଗତ କିଛି ମାସ ଧରି ଫର୍ମ ସହ ସଂଘର୍ଷ କରୁଛନ୍ତି। କିଛି ସମୟ ପୂର୍ବରୁ ବିଶ୍ୱର ଏକ ନମ୍ବର ଟି-୨୦ ବ୍ୟାଟର ରହିଥିବା। ସୂର୍ଯ୍ୟକୁମାରଙ୍କ ଫର୍ମ ବର୍ତ୍ତମାନ ଭାରତ ପାଇଁ ସବୁଠୁ ବଡ ଚିନ୍ତାର ବିଷୟ ପାଲଟିଛି ସେ ଚଳିତ ବର୍ଷ ୧୮ଟି ଇନିଂସରେ ଗୋଟିଏ ବି ଅର୍ଦ୍ଧଶତକ ହାସଲ କରି ନାହାନ୍ତି ଏହି ସମୟରେ ସେ ୧୪.୨୦ ହାରରେ ମାତ୍ର ୨୧୩ ରନ କରିଛନ୍ତି। ତେଣୁ ଡିସେମ୍ବର ୧୯ର ମୁକାବିଲା ଭାରତ ଦଳ ଅପେକ୍ଷା ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ କାରଣ ଲଗାତାର ଖରାପ ପ୍ରଦର୍ଶନ ଯୋଗୁଁ ତାଙ୍କର ଚୟନ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଲାଣି ଦଳର ଅଧିନାୟକ ହୋଇଥିବାରୁ ସେ ଖେଳୁଥିବା କୁହାଯାଉଛି। ତେଣୁ ସିରିଜର ଶ ଶେଷ ଟି-୨୦ରେ ସୂର୍ଯ୍ୟ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ ।




ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ଅଭ୍ୟାସ ସମୟରେ ଶୁଭମନ ଗିଲଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା, ଯାହା ଫଳରେ ସେ ଲକ୍ଷ୍ନୌ ଟି-୨୦ରୁ ବାଦ ପଡ଼ିଥିଲେ ।ଶୁଭମନ ଗିଲ ଟି-୨୦ରେ ଲଗାତାର ବିଫଳ ହୋଇଛନ୍ତି, ଯାହା ଫଳରେ ଉତ୍କୃଷ୍ଟ ଫର୍ମରେ ଥିବା ସଞ୍ଜୁ ସାମସନଙ୍କୁ ବେଞ୍ଚରେ ବସିବାକୁ ପଡିଛି ।

ଶୁଭମନ ଗିଲଙ୍କ ଟି-୨୦ ଫର୍ମ ଅତ୍ୟନ୍ତ ଖରାପ। ସେ ଗତ ୧୮ ଟି-୨୦ ମ୍ୟାଚରେ ଅର୍ଦ୍ଧଶତକ ପାଇଁ ଅପେକ୍ଷା କରିଛନ୍ତି ।ଗିଲଙ୍କ ଶେଷ ଟି-୨୦ ମ୍ୟାଚ ୨୦୨୪ ମସିହାରେ ଜିମ୍ବାୱେ ବିପକ୍ଷରେ ଆସିଥିଲା। ୨୦୨୫ ସୁଦ୍ଧା, ଗିଲ ୧୫ ଟି-୨୦ ମ୍ୟାଚରେ ୨୪.୨୫ ହାରରେ ୨୯୧ ରନ କରିଛନ୍ତି।

# ୱାଡା ରିପୋର୍ଟ ବଢ଼ାଇଲା ଚିନ୍ତା

## ଡୋପ୍ କଳଙ୍କରେ ଭାରତ ବିଶ୍ୱରେ ସପ୍ତମ, ଶୀର୍ଷରେ ଚୀନ୍

ନୂଆଦିଲ୍ଲୀ, ୧୮/୧୨: ଦିନକୁ ଦିନ ଭାରତୀୟ କ୍ରୀଡାବିତମାନେ ମାତ୍ରାଧିକ ଶକ୍ତିବର୍ଦ୍ଧକ ଔଷଧ ବ୍ୟବହାର କରୁଛନ୍ତି । ଯାହା ଭାରତକୁ ବିଶ୍ୱ ଦରବାରରେ ନିନ୍ଦିତ କରୁଛି । ବିଶ୍ୱ ଡୋପ୍ ନିରୋଧି ସଂସ୍ଥା (ୱାଡା) ଦ୍ୱାରା ସଦ୍ୟ ପ୍ରକାଶିତ ରିପୋର୍ଟ ଆଧାରରେ ଭାରତରେ ଡୋପ୍ କଳଙ୍କ ବର୍ଷକୁ ବର୍ଷ ବୃଦ୍ଧି ପାଉଛି । ୨୦୨୪ରେ ଏହି କଳଙ୍କ




ତାଲିକାରେ ଚୀନ ବିଶ୍ୱରେ ପ୍ରଥମ ଏବଂ ଭାରତ ସପ୍ତମ ସ୍ଥାନରେ ରହିଛି । ଗତ ବର୍ଷ ନାଡା (ଜାତୀୟ ଡୋପ୍ ନିରୋଧି ସଂସ୍ଥା) ବିଭିନ୍ନ କ୍ରୀଡାର କ୍ରୀଡାବିତଙ୍କ ଠାରୁ ଡୋପ୍ ପରୀକ୍ଷା ପାଇଁ ୭,୧୧୩ ସଂଗ୍ରହ କରିଥିଲା । ସେମିତି ଚୀନରେ ସର୍ବାଧିକ ୨୪,୨୧୪, ଜର୍ମାନୀରେ ୧୫୦୮୧, ଫ୍ରାନ୍ସରେ ୧୧୭୪୪, ରୁଷରେ ୧୦୭୭୪, ଇଟାଲୀରେ ୯୩୦୪ ଏବଂ ଇଂଲଣ୍ଡରେ ୮୨୭୩ ନମୂନା ସଂଗ୍ରହ କରାଯାଇଥିଲା । ଭାରତରେ ୩.୬% କ୍ରୀଡାବିତଙ୍କ ରିପୋର୍ଟ ପୋଜିଟିଭ ଆସିଥିଲା । ଅର୍ଥାତ ୭,୧୧୩ଟି ନମୂନାରୁ ୨୬୦ ଜଣ ଡୋପ ପରୀକ୍ଷରେ ବିଫଳ ହୋଇ ବାସନ୍ଦ ହୋଇଥିଲେ । ଚଳିତ ବର୍ଷ ଏ ପର୍ଯ୍ୟନ୍ତ (ଡିସେମ୍ବର ୧୬ ତାରିଖ) ୭୦୬୮ ନମୂନା ସଂଗ୍ରହ ହୋଇଛି। ସେମାନଙ୍କ ମଧ୍ୟରୁ ୧୧୦ ଜଣଙ୍କ ରିପୋର୍ଟ ପୋଜିଟିଭ ଆସିଛି । ଗତବର୍ଷ ତୁଳନାରେ ୨୦୨୫ରେ ଡୋପରେ ବିଫଳ ହେବା ସଂଖ୍ୟା ହ୍ରାସ ପାଇଛି।

# ପାରାଦୀପ ବେଥାନୀ କନଭେଣ୍ଟ ସ୍କୁଲର ଇମ୍ପେଟସ୍ ଉଦଘାଟିତ




ପାରାଦୀପ,୧୮।୧୨: ପାରାଦୀପର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବେଥାନି କନ୍‌ଭେଣ୍ଟ ସ୍କୁଲର ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଇମ୍ପେଟସ୍ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନି ଉତ୍ସବରେ ପାରାଦୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ବିଦ୍ୟାଳୟର ଏଭଳି କାର୍ଯ୍ୟକ୍ରମ ଦ୍ୱାରା କ୍ରୀଡା କ୍ଷେତ୍ରରେ ଅନେକ ଲୁକ୍କାୟିତ କ୍ରୀଡା ପ୍ରତିଭା ଆଗାମି ଦିନରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଅଂଶଗ୍ରହଣ କରି ପାରାଦ୍ୱୀପ ପାଇଁ ସୁନାମ ଆଣିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ ।ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚଳିବ ଏବଂ ପ୍ରାୟ ଆଠଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ବିଦ୍ୟାଳୟର ଅଧକ୍ଷ ଫାଦର ସୁନିଲ ଲାକ୍ରା ଓ ମ୍ୟାନେଜର ଫାଦର ନିହାର ରଞ୍ଜନ ପରିଛାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି। ଆସନ୍ତାକାଲି ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନି ଉତ୍ସବ ଅନୁଷ୍ଠିତ ହେବ। ଏହି କ୍ରୀଡା ପ୍ରତିଯୋଗିତା କୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସ୍ୱୟବ୍ରତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ୧୯ ବର୍ଷରୁ କମ୍ ଏସିଆ କପ୍ : ଆଜି ସେମି ଲଢ଼େଇ

ଦୁବାଇ,୧୮।୧୨: ୧୯ ବର୍ଷରୁ କମ୍ ଏସିଆ କପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ୍ ଲାଇନ୍ ଚୂଡ଼ାନ୍ତ ହୋଇଛି । ୧୯ ତାରିଖ ଦିନ ପ୍ରଥମ ସେମି ଫାଇନାଲରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ । ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ୍ ଖେଳାଯିବ ।ଅନୁଷ୍ଠିତ ଗ୍ରୁପ୍ ବି'ର ୨ଟି ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ଓ ଆଫଗାନିସ୍ତାନ ବିଜୟ ହାସଲ କରିଥିଲେ । ବାଂଲାଦେଶ ୩୯ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଥିଲା । ଶ୍ରୀଲଙ୍କା ଦ୍ୱିତୀୟ ସ୍ଥାନରେ ରହିଥିଲା । ଆଫଗାନିସ୍ତାନ ୬ ୱିକେଟ୍‌ରେ ନେପାଳକୁ ପରାସ୍ତ କରିଥିଲେ ହେଁ ସେମିକୁ ଯୋଗ୍ୟତା ଅର୍ଜନ କରିପାରି ନଥିଲା।

ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪୬.୩ ଓଭରରେ ୨୨୫ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ଦଳ ପକ୍ଷରୁ ଜାୱଦ ଅବରାର ୪୯, ରିଫତ ବେଗ ୩୬, ଅଜିଜୁଲ ହାକିମ ୨୯ ଓ କାଲାମ ସିଦ୍ଧିକ ୩୨ ରନ କରିଥିଲେ । ଶ୍ରୀଲଙ୍କା ପକ୍ଷରୁ କବିଜା ଗାମେଜ ୪ଟି ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ଶ୍ରୀଲଙ୍କା ୪୯.୧ ଓଭରରେ ୧୮୬ ରନ କରି ଅଲ୍ ଆଉଟ ହୋଇ ଯାଇଥିଲା । ଦଳ ପକ୍ଷରୁ ଚାମିକା ହିନାତିଗାଲା ୪୧, ଆଧମ ହିଲମି ୩୯ ରନ କରିଥିଲେ । ବାଂଲାଦେଶ ପକ୍ଷରୁ ଇକବାଲ୍ ହୋସେନ ଇମନ ଓ ଶାହାରିୟର ଅହମ୍ମଦ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ ।ଅନ୍ୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନେପାଳ ୧୨୪ ରନରେ ସମସ୍ତ ୱିକେଟ୍ ହରାଇଥିଲା । ଦଳ ପକ୍ଷରୁ ଦିଲସାଦ ଅଲି ସର୍ବାଧିକ ୩୨ ରନ କରିଥିଲେ । ଜବାବରେ ଆଫଗାନିସ୍ତାନ ୪ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ଦଳ ପକ୍ଷରୁ ଉଜୈରଉଲ୍ଲା ନିଆଜି ସର୍ବାଧିକ ୬୧ ରନ କରିଥିଲେ ।

# ପଞ୍ଚାମୁଣ୍ଡାଇ କଲେଜର ବାର୍ଷିକ କ୍ରୀଡା




ପଞ୍ଚାମୁଣ୍ଡାଇ,୧୮।୧୨- ପଞ୍ଚାମୁଣ୍ଡାଇ କଲେଜର ୫୫ତମ ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି। ୩ଦିନ ବ୍ୟାପି ଆୟୋଜିତ କ୍ରୀଡା ଉତ୍ସବକୁ ପଞ୍ଚାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ହଲାଇ ଉଦଘାଟନ କରିବା ସହିତ ଶିକ୍ଷା ସହିତ କ୍ରୀଡା ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳତାର ମାର୍ଗ ଦେଖାଏ ବୋଲି ପ୍ରକାଶ କରିଥିଲେ । ପଞ୍ଚାମୁଣ୍ଡାଇ କଲେଜ କ୍ରୀଡା ସଂସଦ ଉପସଭାପତି ଅଧାପକ ଅରବିନ୍ଦ ପାଣ୍ଡ ଓ ଅଧାପକ ଡ଼ ମାନସ ନାୟକ ଅଧାପିକ ପ୍ରଦ୍ୟୁମ୍ନ ପ୍ରଧାନ ଅଧାପିକା ରଶ୍ମିତା ପାଣିଗ୍ରାହୀ, ଦେବସ୍ମିତା ତ୍ରିପାଠୀ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ୧୦୦, ୨୦୦, ୪୦୦, ଓ ୮୦୦ମିଟର ଦୌଡ଼, ସଟପୁଟ,ଡ଼ିସକସ ଥ୍ରୋ, ଜାଭେଲିନ ଥ୍ରୋ,ଲଙ୍ଗ ଜମ୍ପ, ହାଏ ଜମ୍ପ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ ପ୍ରାଧାପକ ଡ଼ ରମେଶ କୁମାର ସାହୁ,କ୍ୟାପଟେନ ମନୋଜ ପରିଡା, ପ୍ରମୋଦ ସ୍ୱାଇଁ ସର୍ବେଶ୍ୱର ସାହୁ, ଅଧାପକ ପିଣ୍ଟୁ ପଟେଲ ପ୍ରମୁଖ ପରିଚାଳନା କରିଥିବାବେଳେ ଅଧାପକ ପୃଥ୍ୱୀରାଜ ବିଶ୍ୱାଳ, ଅମିତ ସାହୁ ରୋହିତ ବର୍ଗତି ଓ ଅଧାପିକା ନିବେଦିତା ପ୍ରଧାନ ଓ ସୀମାଙ୍ଗିନୀ ଦାସ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶଂସକଙ୍କୁ ସତର୍କ କଲେ ଜସପ୍ରୀତ

ନୂଆଦିଲ୍ଲୀ,୧୮।୧୨: ଷ୍ଟାର ଓ ସେଲିବ୍ରିଟି ହେବାରେ ନିଜର କିଛି ଅଲଗା ହିଁ ଅନ୍ଦାଜ ଥାଏ । ଏହା ଅନେକ ସମୟରେ ଅସୁବିଧାରେ ହିଁ ପକାଇ ଥାଏ। ଯେଉଁଠିକୁ ବି ଯାଆନ୍ତୁ, ପ୍ରଶଂସକ ଘେରି ଯାଆନ୍ତି । ଚାରିପାଖେ ଭିଡ଼ ଜମି ଯାଏ ।ସୋସିଆଲ ମିଡ଼ିଆର ଏହି ସମୟରେ ତ ଯେମିତି ଲୋକେ ଷ୍ଟାରଙ୍କ ସହ ଫଟୋ ଓ ଭିଡ଼ିଓ ପାଇଁ ଲାଳାୟିତ ରହିଥାନ୍ତି। ଏହି ଚକ୍କରରେ ଅନେକ ଥର ସୀମା ଅତିକ୍ରମ କରି ଯାଆନ୍ତି। ଏବେ ଜସପ୍ରୀତ ବୁମରାହଙ୍କୁ ହିଁ ଉଦାହରଣ ନିଅନ୍ତୁ। ସେ ଏୟାରପୋର୍ଟକୁ ଯାଉଛନ୍ତି। ଜଣେ ପ୍ରଶଂସକ ତାଙ୍କ ଠାରୁ ଅନୁମତି ନନେଇ ତାଙ୍କ ସହ ସେଲ୍ଫି ଭିଡ଼ିଓ କରିବାକୁ ଲାଗନ୍ତି। ବୁମରାହ ତାଙ୍କୁ ସତର୍କ କରାନ୍ତି , ତଥାପି ସେ ମାନନ୍ତି ନାହିଁ । ଶେରେ ଷ୍ଟାର୍ ପେସ୍ ତାଙ୍କର ଫୋନ ଖସାଇ ଦିଅନ୍ତି।

ଜସପ୍ରୀତ ବୁମରାହଙ୍କର ଗୋଟିଏ ଭିଡ଼ିଓ ସୋସିଆଲ ମିଡ଼ିଆରେ ସାମ୍ନାକୁ ଆସିଛି, ଯେଉଁଥିରେ ସେ ଜଣେ ପ୍ରଶଂସକଙ୍କ ମୋବାଇଲ ଫୋନକୁ ତଳେ ଖସାଇ ଦେଉଛନ୍ତି। ଭିଡ଼ିଓରେ ଦେଖାଯାଉଛି ଯେ, ବୁମରାହ ଏୟାରପୋର୍ଟରେ ଯାଉଛି। ଏବେ ଯଦି ଏହି ସମୟରେ ବିଶ୍ୱର ସର୍ବଶ୍ରେଷ୍ଠ ଦ୍ରୁତ ବୋଲର ଆପଣଙ୍କର ଏତେ ପାଖରେ ଥିବେ ତ ଭିତରର ପ୍ରଶଂସକ ଭାବ ନିଶ୍ଚୟ ମତୁଆଲା ହୋଇ ଯିବ।

ଏମିତି ବି କିଛି ହୋଇଛି। ଜଣେ ପ୍ରଶଂସକ ହସି ହସି ନିଜର ମୋବାଇଲ ଫୋନରୁ ବୁମରାହଙ୍କ ସହ ସେଲ୍ଫି ଭିଡ଼ିଓ କରିବାକୁ ଲାଗିଲେ। ସେ ଏଥିପାଇଁ ଷ୍ଟାର ପେସରଙ୍କୁ ପଚାରୁ ବି ନାହାନ୍ତି। ଭିଡ଼ିଓ କରିବା ସହ ସେ କହୁଛନ୍ତି , ମୁଁ ଆପଣଙ୍କ ସହ ଯିବି ସାର୍। ବୋଧହୁଏ ସେ କହିବାକୁ ଚାହୁଁଛନ୍ତି ଯେ, ତାଙ୍କୁ ବି ସେହି ଫ୍ଲାଇଟ୍ ନେବାର ଅଛି ,ଯାହା ବୁମରାହଙ୍କର ଅଛି। ଏହାକୁ ନେଇ ବୁମରାହ ସେହି ପ୍ରଶଂସକଙ୍କୁ ସତର୍କ କରାଇ ଥିଲେ। ସେ କୁହନ୍ତି, ଫୋନ୍ ଆପଣଙ୍କର ଖସି ପଡ଼ିଲେ ମୋତେ କହିବ ନାହିଁ ।ଏହି ସମୟରେ ବୁମରାହଙ୍କ ଚେହେରାରେ କୌଣସି ରାଗ କିମ୍ବା ବ୍ୟସ୍ତତାର ଭାବ ନଜର ଆସୁନାହିଁ, ସେ ଫୋନର କ୍ୟାମେରାରେ ହିଁ ଦେଖା ଯାଉଛନ୍ତି। ଏଥିରେ ବୋଧହୁଏ ପ୍ରଶଂସକ ତାଙ୍କର ଚେତାବନୀକୁ ହାଲକାରେ ନେଉଛନ୍ତି ଏବଂ ଅଣଦେଖା କରୁଛନ୍ତି ।ସେତେବେଳେ ହଠାତ୍ ଜସପ୍ରୀତ ବୁମରାହ ହାତ ମାରି ତାଙ୍କ ଫୋନକୁ ସତରେ ଖସାଇ ଦିଅନ୍ତି। ସୋସିଆଲ ମିଡ଼ିଆରେ ଏହାର ଭିଡ଼ିଓ ଆସିବା ପରେ କିଛି ୟୁଜର ବୁମରାହଙ୍କ ବ୍ୟବହାର ଉପରେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କୁ ଅହଙ୍କାରୀ କହିଛନ୍ତି। ହେଲେ ଅଧିକାଂଶ ୟୁଜର ଷ୍ଟାର ପେସରଙ୍କୁ ସୁରକ୍ଷା ଦେଉଛନ୍ତି। କେହି ଲେଖିଛନ୍ତି ଯେ, ସେଲିବ୍ରିଟି ମଧ୍ୟ ତ ମଣିଷ , ତାଙ୍କର ମଧ୍ୟ ପର୍ସନାଲ ସ୍ପେସ୍ ହୋଇଥାଏ। କେହି ପ୍ରଶଂସକଙ୍କର ଏହିପରି ବ୍ୟବହାରରେ ପ୍ରଶ୍ନ ଉଠାଇଛନ୍ତି। ଜସପ୍ରୀତ ବୁମରାହ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ବିରୋଧରେ ଚାଲୁଥିବା ୫ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ଟିମ୍ ଇଣ୍ଡିଆର ସଦସ୍ୟ ଅଛନ୍ତି। ସିରିଜର ୩ୟ ମ୍ୟାଚ୍ ସେ ଘରୋଇ କାରଣରୁ ଖେଳୁ ନଥିଲେ। ୪ର୍ଥ ମ୍ୟାଚ୍ ସ୍ମଗ୍ର କାରଣରୁ ରଦ୍ଦ ହୋଇଥିଲା। ଅହମ୍ମଦାବାଦାରେ ୧୯ ଡିସେମ୍ବରରେ ହେବାକୁ ଥିବା ପଞ୍ଚମ ଟି-୨୦ରେ ବୁମରାହ ଖେଳି ପାରନ୍ତି । ସିରିଜରେ ଭାରତ ୨-୧ର ଅପରାଜେୟ ଭାବେ ଆଗୁଆ ରହିଛି।



# ଜାନୁଆରୀ ୭ରୁ ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ

**ଚଳିତ ଥର କିଙ୍ଗ୍ ବନାମ ପ୍ରିନ୍ସ ପ୍ରତିଯୋଗିତା**

**ପାଞ୍ଚଥର ବିଶ୍ୱ ଚମ୍ପିଆନ୍, ବିଶ୍ୱନାଥନ୍ ଆନନ୍ଦ ସାମ୍ପ୍ରତିକ ବିଶ୍ୱ ଚମ୍ପିଆନ୍‌ଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା**

**ଏଫ୍‌ଆଇଡିଇ ବିଶ୍ୱ କପ୍‌ର ରନର୍ସ-ଅପ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ**

କଲକାତାଲ,୧୮।୧୨(: ପାଞ୍ଚଥର ବିଶ୍ୱ ଚମ୍ପିଆନ୍ ବିଶ୍ୱନାଥନ୍ ଆନନ୍ଦ କଲକାତାରେ ୨୦୨୬ ଜାନୁଆରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା ଟାଟା ଷ୍ଟିଲ୍ ଚେସ୍ ଇଣ୍ଡିଆ ପ୍ରତିଯୋଗିତାରେ ପ୍ରତିଭାଧର ଯୁବ ଚେସ୍ ଖେଳାଳିଙ୍କ ସହିତ ପ୍ରତିଯୋଗିତା କରିବେ। ଛଅବର୍ଷର ବ୍ୟବଧାନ ପରେ ଆନନ୍ଦଙ୍କୁ ଟାଟା ଷ୍ଟିଲ ଚେସ୍ ଇଣ୍ଡିଆରେ ପୁଣିଥରେ ଚେସ୍‌ବୋର୍ଡରେ ଖେଳିବା ଦେଖିବାକୁ ମିଳିବ। ସେ ଏହି ଟୁର୍ଣ୍ଣାମେଣ୍ଟରେ ଶେଷଥର ପାଇଁ ୨୦୧୯ରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନର ବିଶ୍ୱ ଚମ୍ପିଆନ୍ ଡି ଗୁକେଶ ପ୍ରଥମ ଥର ପାଇଁ ବ୍ୟକ୍ତିଗତ ସ୍ତରରେ ଭାରତରେ ଏହି ଟୁର୍ଣ୍ଣାମେଣ୍ଟରେ ପାଞ୍ଚଥର ବିଶ୍ୱ ଚମ୍ପିଆନ ବିଶ୍ୱନାଥନ୍ ଆନନ୍ଦଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ।

ନିକଟରେ ସମାପ୍ତ ହୋଇଥିବା ଏଫଆଇଡିଇ ବିଶ୍ୱ କପ୍‌ର ରନର୍-ଅପ୍‌ଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ଓପନ ବିଭାଗରେ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିବ। ସେହିଭଳି ଏଫ୍‌ଆଇଡିଇ ମହିଳା ବିଶ୍ୱ କପ୍‌ର ବିଜେତା ଦିବ୍ୟା ଦେଶମୁଖ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଅନ୍ୟ ଶୀର୍ଷ ର୍‍ୟାଙ୍କଧାରୀ ବିଶ୍ୱ ଖେଳାଳିଗଣ ମଧ୍ୟ ଟାଟା ଷ୍ଟିଲ ଚେସ ଇଣ୍ଡିଆ (ଟିଏସ୍‌ସିଆଇ)ର ୭ମ ସଂସ୍କରଣରେ ପ୍ରତିଯୋଗିତାର ଶିରୋନାମା ମଣ୍ଡନ କରିବାକୁ ଯାଉଛନ୍ତି। ଏହାର ପୂର୍ବ ସଂସ୍କରଣଗୁଡିକ ଭଳି ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଓପନ୍ ଏବଂ ମହିଳା ବିଭାଗ ସମାନ ଫର୍ମାଟରେ ରହିବ; ତାହା ହେଉଛି ରାପିଡ ଓ ବ୍ଲିଜ୍। ତାହାସହିତ ଉଭୟ ବିଭାଗ ନିମନ୍ତେ ସେହି ସମାନ ପୁରସ୍କାର ରାଶି ରଖାଯାଇଛି।

ଏଆଇସିଏଫ୍‌ର ଭାଇସ୍ ପ୍ରେସିଡେଣ୍ଟ ଏବଂ ଏସ୍‌ବିଡିଏସ୍‌ର ପ୍ରେସିଡେଣ୍ଟ ଦିବ୍ୟେନ୍ଦୁ ବରୁଆ ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ, ୨୦୨୬ର ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ରହିବେ। ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟ ନିମନ୍ତେ ବିଭିନ୍ନ ବର୍ଗର ଖେଳାଳି ତାଲିକା ନିମ୍ନରେ ପ୍ରଦାନ କରାଯାଇଛି:

ଓପନ୍ ବିଭାଗ-ବିଶ୍ୱନାଥନ୍ ଆନନ୍ଦ, ଗୁକେଶ ଡୋମ୍ମାରାଜୁ, ୱେସଲେ ସୋ, ୱି ୟି, ଆର୍ ପ୍ରଜ୍ଞାନାନନ୍ଦ, ଅର୍ଜୁନ ଏରିଗାସି, ଭୋଲୋଦାର୍ ମୁର୍ଜିନ, ହାନ୍ସ୍ ନିମାନ୍, ବିଦିତ୍ ଗୁଜରାଠୀ ଓ ଅରବିନ୍ଦ ଚିଦମ୍ବରମ୍।

ମହିଳା ବିଭାଗ ଆଲେକଜାଣ୍ଡ୍ରା ଗୋର୍ଯ୍ୟାଚ୍‌କିନା, କାଟେରିନା ଲାଗ୍‌ନୋ, ଦିବ୍ୟା ଦେଶମୁଖ, ବୈଶାଳୀ ଆର, ନାନା ଜାଗ୍ନିଜେ, ହରିକା ଦ୍ରୋଣାବଲୀ, କାରିସା ୟିପ୍, ସାଭ୍ରୋଲା ସୋଲାକିଦୋନ୍, ବନ୍ତିକା ଅଗ୍ରୱାଲ ଓ ରକ୍ଷିତା ରବି।

ପୂର୍ବତନ ବିଶ୍ୱ ଚମ୍ପିଆନ୍ ବିଶ୍ୱନାଥନ୍ ଆନନ୍ଦ ଏହି ଟୁର୍ଣ୍ଣାମେଣ୍ଟରେ ତାଙ୍କର ଅଂଶଗ୍ରହଣ ସମ୍ପର୍କରେ କହିଥିଲେ, "୬ ବର୍ଷର ବ୍ୟବଧାନ ପରେ ଟାଟା ଷ୍ଟିଲ ଚେସ୍ ଇଣ୍ଡିଆରେ ଜଣେ ଖେଳାଳି ଭାବରେ ପ୍ରତ୍ୟାବର୍ତ୍ତନ କରିବା ନେଇ ମୁଁ ବାସ୍ତବିକ ଅତ୍ୟନ୍ତ ଉଲ୍ଲସିତ ଅଛି। ଏହି ସମୟ ମଧ୍ୟରେ ଚେସ୍ ଜଗତରେ ବ୍ୟାପକ ପରିବର୍ତ୍ତନ ଘଟିଛି ଏବଂ ସମଗ୍ର ଦେଶରେ ବିଶେଷକରି ଭାରତରେ ପ୍ରତିଭାସମ୍ପନ୍ନ ଖେଳାଳିମାନେ ସୃଷ୍ଟି ହୋଇଛନ୍ତି। ଭାରତର ଏହି ଉଲ୍ଲେଖନୀୟ ଟୁର୍ଣ୍ଣାମେଣ୍ଟରେ ଯୁବ ଚେସ୍ ଖେଳାଳିମାନଙ୍କର ଚାଲେଞ୍ଜ ଗ୍ରହଣ କରିବାକୁ ମୁଁ ଅତ୍ୟନ୍ତ ଆନନ୍ଦିତ ଅଛି।"

ଡି ବି ସୁନ୍ଦର ରମଣ, ଭାଇସ୍ ପ୍ରେସିଡେଣ୍ଟ-କର୍ପୋରେଟ ସର୍ଭିସେସ୍, ଟାଟା ଷ୍ଟିଲ କହିଥିଲେ, "ଟାଟା ଷ୍ଟିଲ ସର୍ବଦା ଉତ୍କର୍ଷକୁ ପ୍ରେରଣା ଦେଉଥିବା ଏବଂ ପ୍ରତିଭା ପରିପୋଷଣ କରୁଥିବା ପ୍ଲାଟଫର୍ମ ସୃଷ୍ଟିରେ ବିଶ୍ୱାସ ରଖିଆସିଛି। ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ ଭାରତକୁ ବିଶ୍ୱ-ମାନର ଚେସ୍ ଆଣି ଏବଂ ସର୍ବୋତ୍ତମଙ୍କ ସହିତ ପ୍ରତିଯୋଗିତା କରିବା ସକାଶେ ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେଇ ଏହି ପ୍ରତିବଦ୍ଧତାକୁ ଆଗେଇ ନେଉଛି। ଜଣେ ଖେଳାଳି ଭାବରେ ବିଶ୍ୱନାଥନ୍ ଆନନ୍ଦଙ୍କର ପ୍ରତ୍ୟାବର୍ତ୍ତନ ଚଳିତ ବର୍ଷର ସଂସ୍କରଣ ପାଇଁ ଏକ ସ୍ୱତନ୍ତ୍ର ଦିଗ ଯୋଡୁଛି ଏବଂ ବିଶ୍ୱ ଚେସ୍ ମାନଚିତ୍ରରେ ଭାରତର ସ୍ଥିତିକୁ ନିରନ୍ତର ସୁଦୃଢ଼ କରିବା ନେଇ ଆମେ ଗର୍ବିତ ଅନୁଭବ କରୁଛୁ।"

ଜିତ୍ ବାନାର୍ଜୀ, ଡାଇରେକ୍ଟର, ଗେମ୍‌ପ୍ଲାନ ମତଦେଇ କହିଥିଲେ, "ସମ୍ପ୍ରତି ଟାଟା ଷ୍ଟିଲ ଚେସ ଇଣ୍ଡିଆ ଏକ ବିଶ୍ୱ-ଶ୍ରେଣୀର ଚେସ୍ ଟୁର୍ଣ୍ଣାମେଣ୍ଟ ଭାବରେ ସ୍ୱୀକୃତି ଲାଭ କରିଛି ଏବଂ ଆମେ ଏହାକୁ ସଫଳ କରାଇଥିବାରୁ ଟାଟା ଷ୍ଟିଲକୁ ତାଙ୍କର ନିରନ୍ତର ସମର୍ଥନ ନିମନ୍ତେ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ଟୁର୍ଣ୍ଣାମେଣ୍ଟ ପଛରେ ରହିଥିବା ଅନ୍ୟ ଶକ୍ତି ହେଉଛନ୍ତି ବିଶ୍ୱନାଥନ୍ ଆନନ୍ଦ ଏବଂ ତାଙ୍କୁ ତାଙ୍କର ଛାତ୍ରମାନଙ୍କ ତଥା ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ବିପକ୍ଷରେ ଖେଳିବା ଦେଖିବାର ସମ୍ଭାବନା ଅତ୍ୟନ୍ତ ଆକର୍ଷଣୀୟ ରହିବ! ଟାଟା ଷ୍ଟିଲ ୱିଜ୍ ଆନ୍ ଜି ଏବଂ ତାହାସହିତ ଟାଟା ଷଟିଲ ଚେସ୍ ଇଣ୍ଡିଆ ଏହା ସୁନିଶ୍ଚିତ କରିବେ ଯେ ଚଳିତ ଜାନୁଆରୀରେ ଭାରତରେ ପ୍ରତ୍ୟେକ କ୍ରୀଡପ୍ରେମୀଙ୍କ ମସ୍ତିଷ୍କରେ ଚେସ୍ କେନ୍ଦ୍ର ସ୍ଥାନରେ ରହିବ।"

# ଜାତୀୟ ଟ୍ରାନ୍ସଜେଣ୍ଡର କ୍ରୀଡ଼ା ମିଟ୍, ଯୋଗଦେବେ ଟ୍ରାନ୍ସଜେଣ୍ଡର ଖେଳାଳି

ଭୁବନେଶ୍ୱର,୧୮।୧୨: ଛତିଶଗଡ଼ର ରାଜଧାନୀ ରାଇପୁରରେ ଜାତୀୟ ଟ୍ରାନ୍ସଜେଣ୍ଡର କ୍ରୀଡ଼ା ମିଟ୍୨୦୨୫, ସମତା କା ମହୋତ୍ସବ ଥିମ୍‌ରେ ଡିସେମ୍ବର ୧୯ ଓ ୨୦, ୨୦୨୫ ରେ ଆୟୋଜିତ ହେବ। ଏହି ଦୁଇଦିନିଆ। କ୍ରୀଡ଼ା ମହୋତ୍ସବରେ ପଞ୍ଜାବ, ଦିଲ୍ଲୀ, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା ସହିତ ଦେଶର ବିଭିନ୍ନ ରାଜ୍ୟରୁ ଟ୍ରାନ୍ସଜେଣ୍ଡର ଖେଳାଳିମାନେ ଅଂଶଗ୍ରହଣ କରିବେ। କ୍ରୀଡ଼ା ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯିବ।




ଛତିଶଗଡ଼ ମିରା ସଙ୍କଳ୍ପ ସମିତିଟ୍ରାନ୍ସଜେଣ୍ଡର ଓ ଏଲଜିବିଟିକ୍ୟୁ ସମୁଦାୟ ପାଇଁ କାର୍ଯ୍ୟରତ ଏକ ସଂଗଠନ ଦ୍ୱାରା ଆୟୋଜିତ ହେଉଛି। ଓଡ଼ିଶାରେ ଟ୍ରାନ୍ସଜେଣ୍ଡର ଏବଂ ଏଲଜିବିଟିକ୍ୟୁ ସମୁଦାୟ ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଖାର ଉପ ସଭାପତି ସନ୍ତୋଷ ଚମ୍ପତି ଏବଂ ମୁଖ୍ୟ ଉପଦେଷ୍ଟା ବିଭୂତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଗାରିମା ଗୃହର ନଅ (୯) ଜଣ ଏଥିରେ ଅଂଶଗ୍ରହଣ କରୁଛନ୍ତି. ଉଦଘାଟନୀ ଉତ୍ସବରେ ସମାଜସେବୀ ମୀରା ପରିଡ଼ା ଅତିଥି ଭାବେ ଯୋଗଦେବେ। ଏହି କ୍ରୀଡ଼ା ମିଟ୍‌ର ମୂଳ ଲକ୍ଷ୍ୟ ହେଉଛି ଟ୍ରାନ୍ସଜେଣ୍ଡର ଖେଳାଳିମାନଙ୍କୁ ତାଙ୍କର ଶକ୍ତି, ଦକ୍ଷତା ଓ କ୍ରୀଡ଼ା ଉତ୍କର୍ଷ ପ୍ରଦର୍ଶନ କରିବା ପାଇଁ ଏକ ସମ୍ମାନଜନକ ମଞ୍ଚ ପ୍ରଦାନ କରିବା ଏହା ମାଧ୍ୟମରେ କ୍ରୀଡ଼ାକୁ କେବଳ ପ୍ରତିସ୍ପର୍ଧାର କ୍ଷେତ୍ର ନୁହେଁ, ବରଂ ଗରିମା, ପରିଚୟ ଓ ସମାବେଶର ଏକ ସକ୍ତିଶାଳୀ ମଞ୍ଚ ଭାବେ ପ୍ରତିଷ୍ଠା କରାଯିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ